بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 43

ସାପ୍ତାହିକ

ବଦର

Weekly BADAR Qadian

କାଦିଆନ

Odia

www.akhbarbadarqadian.in

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

24 ଅକ୍ଟୋବର 2019 24 ଇଖା 1398 ହି.ଶ 24 ସଫର୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَا مُحَمَّدٌ اِلَّا رَسُوۡلٌ ۚ قَدۡ خَلَتۡ مِنۡ قَبۡلِہِ الرُّسُلُ ؕ اَفَا۠ئِنۡ مَّاتَ اَوۡ قُتِلَ انۡقَلَبۡتُمۡ عَلٰۤی اَعۡقَابِکُمۡ

(آل عمران:145)

ଅନୁବାଦ- ଏବଂ ମୁହମ୍ମଦ କେବଳ ଜଣେ ରସୁଲ ଅଟନ୍ତି; ତାହାଙ୍କ ପୂର୍ବରୁ ସମସ୍ତ ରସୁଲ ମୃତ୍ୟୁବରଣ କରିଛନ୍ତି; ସୁତରାଂ ଯଦି ସେ ମୃତ୍ୟୁବରଣ କରନ୍ତି ବା ତାହାଙ୍କୁ ହତ୍ୟା କରାଯାଏ ତେବେ କଣ ତୁମେମାନେ ପଶ୍ଚାତ୍‌ପଦ ହୋଇ ଫେରିଯିବ ?

*(ଆଲେ ଇମରାନ୍: ୧୪୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ଖୁଦା ତାକୁ ସ୍ୱୟଂ ଉକ୍ତ ସମରରୁ ବଂଚାଇବାକୁ ଚାହୁଁଛନ୍ତି ଓ ଏହି ବିକାଶର ଯଗୁରେ ଇସ୍‌ଲାମକୁ ବିନା ସାହାଯ୍ୟରେ ଛାଡ଼ିନାହାନ୍ତି ବରଂ ସେ ଇସ୍‌ଲାମ୍‌ର ସୁରକ୍ଷା କରିଛନ୍ତି ଓ ନିଜ ସଚା ସତ୍ୟବାଦୀ ରସୁଲ୍ ସ:ଆ:ସଙ୍କ ପ୍ରତିଶୃତିକୁ ସତ୍ୟ ପ୍ରମାଣିତ କରିଛନ୍ତି ଓ ତାହାଙ୍କ ପବିତ୍ର ଭବିଷ୍ୟବାଣୀଗୁଡ଼ିକର ସତ୍ୟାସତ୍ୟକୁ ଖୋଲି ଦେଇଛନ୍ତି ଏବଂ ଏ ସଦି (ଶତାବ୍ଦି)ରେ ଜଣେ ବ୍ୟକ୍ତିଙ୍କୁ ସୃଷ୍ଟି କରିଛନ୍ତି ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

### ବର୍ତ୍ତମାନ ଯୁଗର ଅବସ୍ଥା ଓ ଜଣେ ସଂସ୍କାରକ/ସୁଧାରକଙ୍କ ଆବଶ୍ୟକତା

ଯେଉଁ ଯୁଗରେ ଆମେମାନେ ଜୀବନ ବିତାଉଛେ, ଏଥିରେ ଇମାନି (ବିଶ୍ୱାସର) ଶକ୍ତି ମୃତ ହୋଇ, ତା'ର ସ୍ଥାନକୁ ଦୁଷ୍କର୍ମ ଓ ପଥଭ୍ରଷ୍ଟତା ନେଇ ଗଲାଣି । ଲୋକମାନଙ୍କ ଆଚାର ବ୍ୟବହାର, ଗୋଟିଏ ପଟେ ଉପାସନା ଓ ଅନ୍ୟପଟଟି ମଧ୍ୟ, ସୁତରାଂ ପ୍ରତ୍ୟେକ କଥାରେ ବିକାର ସୃଷ୍ଟି ହୋଇଛି । ଯଦି କେବଳ ଏହି ବିପତି ପଡ଼ିଥାନ୍ତା ତେବେ କିଛି ଅସୁବିଧା ଓ ବିପଦ ନ ଥାନ୍ତା କିନ୍ତୁ ଏହି ସମସ୍ତ କଥା ବ୍ୟତିତ ସବୁଠାରୁ ବଡ଼ ବିପତି, ଯାହା ମତେ ଅନେକ ଥର ଚର୍ଚ୍ଚା କରିବାକୁ ପଡ଼ିଛି ଏବଂ ଯାହାକୁ ଇସ୍‌ଲାମ୍‌ର ପ୍ରତ୍ୟେକ ଶୁଭଚିନ୍ତକଙ୍କ ହୃଦୟ ଅନୁଭବ କରିସାରିଛି ବା କରିପାରେ ତାହା ସେହି ଜହରପୂର୍ଣ୍ଣ ପ୍ରଭାବ ଅଟେ ଯାହା ଆଜି କାଲିର ଭୌତିକ ଚିକିତ୍ସାଶାସ୍ତ୍ର, ଖଗୋଳବିଦ୍ୟା ଏବଂ ମିଥ୍ୟା ଦର୍ଶନଶାସ୍ତ୍ର ଯୋଗୁଁ ଇସ୍‌ଲାମ୍ ଏବଂ ମୁସଲମାନମାନଙ୍କ ଉପରେ ଆସୁଅଛି । ଓ୍ୱଲେମାମାନେ ଏ ଦିଗପ୍ରତି ଧ୍ୟାନ ଦେଉନାହାନ୍ତି । ସେମାନଙ୍କୁ ଗୃହଯୁଦ୍ଧ, ଅନ୍ତଃକଳି ଏବଂ ଜଣେ ଅନ୍ୟ ଜଣଙ୍କୁ କାଫିର୍‌ର ପତ୍ୱା ଦେବାରୁ ସମୟ ମିଳିଲେ ସିନା ଏପଟକୁ ଧ୍ୟାନ ଦେବେ । ଜାହିଦ୍ (ଉପାସନାକାରୀ) ନିଜର ଏକାନ୍ତରେ ବସି ଯଦି ଦୁଆ (ପ୍ରାର୍ଥନା) ଦ୍ୱାରା କାମ ନିଅନ୍ତେ, ତେବେ ମଧ୍ୟ କିଛି ପ୍ରଭାବ ପଡ଼ନ୍ତା କିନ୍ତୁ ସେମାନେ ପୀର ପରସ୍ତି (ପୀର ପୂଜିବା) ଏବଂ ନାଚଗିତ ଇତ୍ୟାଦିର ବୈଧତା/ ଔଚିତ୍ୟତା ସମ୍ବନ୍ଧରେ ତର୍କରେ ପଡ଼ିଛନ୍ତି । ପ୍ରକୃତ ସୁଫିଇଜ୍‌ମ (ସନ୍ଥପ୍ରଥା) ସ୍ଥାନରେ ଏବେ କିଛିଟା ଚଳନ ହିଁ ରହିଯାଇଛି, ଯାହା ସମ୍ବନ୍ଧରେ ପବିତ୍ର କୋରାନ୍ ଏବଂ ସୁନ୍ନତରେ କିଛି ଜଣାପଡୁନାହିଁ । ସୁତରାଂ ଚାରିଆଡୁ ଇସ୍‌ଲାମ୍ ମୂର୍ଖ ଓ ଅବୋଧମାନଙ୍କ ତରବାରୀ ଦ୍ୱାରା ଘେରା ଯାଇଛି । ଏହି ସମୟରେ କୌଣସି ଜଣେ ସୁଧାରକ ଓ ରିଫର୍ମରଙ୍କ ଆଗମନର ଆବଶ୍ୟକତା ଜରୁରୀ ଥିଲା । ଏହା ସମ୍ପୂର୍ଣ୍ଣ ଶେଷ ସୀମାରେ ପହଂଚି ସାରିଛି । ପ୍ରତ୍ୟେକ ବ୍ୟକ୍ତି ନିଜେ ଏକ ନୁଆ ଧର୍ମ ସୃଷ୍ଟି କରିଛି । ଏହି ସମସ୍ତ କଥ ଓ ପରିସ୍ଥିତି ଉପରେ ଚିନ୍ତା କଲେ ଇସ୍‌ଲାମ୍‌ର ବୟସ ଶେଷ ଅବସ୍ଥାରେ ଉପନୀତ ହେବା ଦେଖାଯାଉଥିଲା । ଡ଼ାକ୍ତର ଓ ବୈଦ୍ୟ ଯେବେ କୌଣସି ହଇଜାରେ ଆକ୍ରାନ୍ତ ଥିବା ରୋଗୀର ଶରୀରକୁ ବରଫ ପରି ଥଣ୍ଡା ବା ତାକୁ ସନିପାତରେ ପଡ଼ିଥିବାର ଦେଖନ୍ତି, ସେତେବେଳେ ତାହା ଅସାଧ୍ୟ (ଅର୍ଥାତ ସେହି ରୋଗ ଭଲ ହେବ ନାହିଁ) ବୋଲି କହି ଚାଲି ଯାଆନ୍ତି । ଏବଂ ଏପରି ଅବସ୍ଥାକୁ ଦେଖି ଦକ୍ଷ ଡ଼ାକ୍ତର ମଧ୍ୟ ନିରାଶ ପ୍ରକାଶ କରିଥାନ୍ତି । ବର୍ତ୍ତମାନ ଇସ୍‌ଲାମ୍‌ର ଅବସ୍ଥା ତା'ର ନିରାଶାର ଶେଷ ସୀମାକୁ ପହଂଚି ସାରିଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ତାହା ଯଦି ମଣିଷର ନିଜ ଭାବନାର ଫଳ ବା ନିଜ ଚେଷ୍ଟାର ଫଳ ହୋଇଥାନ୍ତା ଓ ଏହି ବିପତି ଓ କଠିନ ପରିସ୍ଥିତି ସମୟରେ ଯେବେ ଚାରିଆଡୁ ତା ଉପରେ ପ୍ରହାର ହେଉଅଛି ଏବଂ ତା ଭିତରର ଅବସ୍ଥା କପଟତା ଯୋଗୁଁ ଦୁର୍ବଳ ହୋଇଯାଇଛି, ଏଭଳି ପରିସ୍ଥିତିରେ ଅତିକମ୍‌ରେ ଇସ୍‌ଲାମ ଉପରେ ପ୍ରତିଷ୍ଠିତ ରହିବା, ଯାହାକୁ ସମାପ୍ତ କରିଦେବା ପାଇଁ ବିରୋଧିମାନେ ପ୍ରାଣପ୍ରଣେ ଉଦ୍ୟମ କଲେ ଓ କରୁଛନ୍ତି, ବହୁତ କଷ୍ଟକର ହୋଇଯାଇଥାନ୍ତା । ଏପରି କୌଣସି ବର୍ଷ ବିତୁନାହିଁ, ଯେଉଁଥିରେ ଇସ୍‌ଲାମ୍ ଉପରେ ନୂଆ ଢ଼ଙ୍ଗରେ ଆକ୍ରମଣ କରିବାର ଯୋଜନା କରାଯାଉନଥିବ । ଯଦି କୌଣସି ଆବିଷ୍କାର ବା କଳ ତିଆରି କରାଯାଉଛି, ତା'ର ନିୟମକୁ ଦୃଷ୍ଟିରେ ରଖି ଇସ୍‌ଲାମ୍ ଉପରେ ଆକ୍ରମଣ କରାଯାଉଅଛି ।

### ଆଜିକାଲିର ଉନ୍ନତି/ବିକାଶ ମଧ୍ୟ ଇସ୍‌ଲାମ୍‌ର ଏକ ଚମତ୍କାର

ସୁତରାଂ ଏହିପରି ବିଭ୍ରାଟପୂର୍ଣ୍ଣ ସମୟରେ ପ୍ରାୟତଃ/ସମ୍ଭବତଃ ଏକାଠି ହୋଇ ଏକାଥରକେ ମସୁଲମାନମାନଙ୍କୁ ବିମୁଖ କରିଦେଇଥାନ୍ତେ କିନ୍ତୁ ଅଲ୍ଲାଃ ତାଲାଙ୍କ ଦୃଢ଼ ହସ୍ତ ଇସ୍‌ଲାମ୍‌କୁ ସମ୍ଭାଳି ନେଲା । ଇସ୍‌ଲାମ୍‌ର ସତ୍ୟତାର ଏହା ମଧ୍ୟ ଏକ ପ୍ରମାଣ । ଆଜିକାଲିର ବିକାଶ/ଉନ୍ନତି ମଧ୍ୟ ଇସ୍‌ଲାମ୍‌ର ଏକ ଚମତ୍କାର ସୁତରାଂ ଦେଖନ୍ତୁ ବିରୋଧିମାନେ ନିଜର ସମସ୍ତ ଶକ୍ତି ଓ ବଳ ଏପରିକି ଜୀବନ ଓ ଧନ ଇସ୍‌ଲାମକୁ ନିଶେଷ କରଦେବା ପାଇଁ ଖର୍ଚ୍ଚ କରିଛନ୍ତି । କିନ୍ତୁ ଅଲ୍ଲାଃ ତାଲା ତା ନିଜ ପ୍ରତିଶୃତି ଅନୁସାରେ **ଇନ୍ନା ନହ୍‌ନୋ ନଜ୍ଜଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫିଜୁନ୍** (ଅଲ୍ ହିଜର୍:୧୦) ଅର୍ଥାତ ଅଲ୍ଲାଃ ତାଲା ସ୍ୱୟଂ ହିଁ ପ୍ରକୃତିର ଏହି ଚିହ୍ନକୁ/ ଚିତ୍ରକୁ ମନେପକାଇଦେବ ଏବଂ ବିପଦ ସମୟରେ ତାକୁ ବଂଚାଇବ । ଇସ୍‌ଲାମ୍‌ର ଡ଼ଙ୍ଗା ବିପଦରେ ପଡ଼ିଥିଲା । ପାଦ୍ରୀମାନଙ୍କର ଆକ୍ରମଣ, ଯେଉଁମାନେ କୋଟିକୋଟି ଟଙ୍କା ଖର୍ଚ୍ଚ କରି ଏବଂ ଭଲି ଭଲିକା ଲାଭ / ସ୍ୱାର୍ଥର ପ୍ରତିଶୃତି ଦେଇ ଏପରି କି ଲଜ୍ଜାଜନକ ଶାରୀରିକ ଭୋଗ ବିଳାଶକୁ ଦେଖାଇ ମଧ୍ୟ ଲୋକମାନଙ୍କୁ ଇସ୍‌ଲାମ୍‌ରୁ ବିତୃଷ୍ଣା କରାଇବା ପାଇଁ ଚେଷ୍ଟା କରିଛନ୍ତି ଓ ଅନ୍ୟପଟେ ଇସ୍‌ଲାମୀୟ ପ୍ରଥାକୁ ବଦ୍‌ନାମ୍ କରୁଛନ୍ତି । ଦେଖ ସ୍ୱଳ୍ପ ବୃଷ୍ଟି ଯୋଗୁଁ ନାମଜ୍ ଇସ୍‌ତସ୍‌କାଅ (ବର୍ଷା ପାଇଁ ନମାଜ) ପଢ଼ାଯାଇଥାଏ । ଯଦି କଳ (ମିଶିନ୍) ବର୍ଷା କରାଇବାରେ ସଫଳ ହୋଇଯାଏ, ଯେମିତି ଆମେରିକ ଇତ୍ୟାଦି ଦେଶରେ କିଛି ଲୋକ ଚେଷ୍ଟା କରୁଛନ୍ତି, ତେବେ ଏପରି ଗୋଟିଏ ସ୍ତମ୍ଭ ଭାଙ୍ଗି ଯିବ । ସୁତରାଂ ମୁଁ କେଉଁ ପର୍ଯ୍ୟନ୍ତ ବର୍ଣ୍ଣନା କରିବି । ଚାରିଆଡୁ ଇସ୍‌ଲାମ୍ ଉପରେ ଆକ୍ରମଣ ହେଉଅଛି, ଏବଂ ତାକୁ ବଦ୍‌ନାମ୍ କରିବା ପାଇଁ ଚେଷ୍ଟା, ହିଁ ଅହରହ ଚେଷ୍ଟା ଚାଲିଛି । କିନ୍ତୁ ସେମାନଙ୍କ ଯୋଜନା ଏବଂ ଉପାୟ କଣ କରିପାରେ । ଖୁଦା ତାକୁ ସ୍ୱୟଂ ଉକ୍ତ ସମରରୁ ବଂଚାଇବାକୁ ଚାହୁଁଛନ୍ତି ଓ ଏହି ବିକାଶର ଯଗୁରେ ଇସ୍‌ଲାମକୁ ବିନା ସାହାଯ୍ୟରେ ଛାଡ଼ିନାହାନ୍ତି ବରଂ ସେ ଇସ୍‌ଲାମ୍‌ର ସୁରକ୍ଷା କରିଛି ଓ ନିଜ ସତ୍ୟବାଦୀ ରସୁଲ୍ ସ:ଆ:ସଙ୍କ ପ୍ରତିଶୃତିକୁ ସତ୍ୟ ପ୍ରମାଣିତ କରିଛି ଓ ତାହାଙ୍କ ପବିତ୍ର ଭବିଷ୍ୟବାଣୀଗୁଡ଼ିକର ସତ୍ୟାସତ୍ୟକୁ ଖୋଲି ଦେଇଛି ଏବଂ ଏ ସଦି (ଶତାବ୍ଦି)ରେ ଜଣେ ବ୍ୟକ୍ତିଙ୍କୁ ସୃଷ୍ଟି କରିଛି । ମୁଁ ବାରମ୍ବାର କହୁଅଛି ଯେ, ସେ ହେଉଛନ୍ତି ସେହି (ବ୍ୟକ୍ତି) ଯିଏ ତୁମ ଗହଣରେ କହୁଅଛି । ସେ ସତ୍ୟତାର ଆତ୍ମାକୁ ଇସଲାମ ମଧ୍ୟରେ ଫୁଙ୍କି ଦେବ । ସେ ହେଉଛନ୍ତି ସେହି (ବ୍ୟକ୍ତି) ଯିଏ ହଜିଯାଇଥିବା ସତ୍ୟତାକୁ ଆକାଶରୁ ଆଣୁଅଛି ଏବଂ ଲୋକଙ୍କ ନିକଟରେ ପହଂଚାଉଅଛି । ସେ କୁଧାରଣା ଏବଂ ବିଶ୍ୱାସର ଦୁର୍ବଳାତାକୁ ଦୂର କରିବାକୁ ଚାହୁଁଅଛି ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୮୩ ରୁ ୮୫ ମୁଦ୍ରଣ ୨୦୧୮ କାଦିୟାନ)*

## ଜଲ୍‌ସା ସାଲାନା କାଦିୟାନ ସମ୍ବନ୍ଧରେ ଜରୁରୀ ଘୋଷଣା

ଡ଼ିସେମ୍ବର ୨୦୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା କାଦିୟାନ୍ ସମ୍ବନ୍ଧରେ ଅଖ୍‌ବାର୍ ବଦର୍ କାଦିୟାନ୍‌ରେ ଏଲାନ୍ (ଘୋଷଣା) ହେଉଥିଲା ଯେ, ଏହି ଜଲ୍‌ସା ହେଉଛି ୧୨୫ ତମ ଜଲ୍‌ସା ସାଲାନା । ଏହି ଐତିହାସିକ ଜଲ୍‌ସା ନିମନ୍ତେ ହଜୁର ଅନଓ୍ୱର ଅ:ବ:ଅ କେତେକ ବିଶେଷ ପ୍ରୋଗ୍ରାମଗୁଡ଼ିକର ମଞ୍ଜୁରି ପ୍ରଦାନ କରିଛନ୍ତି, ଯାହାର ଏତେଲା ସର୍କୁଲାର ଜରିଆରେ ଯମାତ୍‌ମାନଙ୍କୁ ଦିଆଯାଇଅଛି ।

ଏହି ଅବଧିରେ ''ତାରିଖେ ଅହେମଦୀୟତ କାଦିୟାନ୍ ବିଭାଗ''ର ଗବେଷଣା ଓ ଅନୁଧ୍ୟାନର ଆଲୋକରେ ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଗୋଚରେ ଏ ଏତେଲା ଦିଆଗଲା ଯେ:

***୨୦୧୯**ରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା **୧୨୫** ତମ ଜଲ୍‌ସା ସାଲାନା ନୁହେଁ ବରଂ ଏହା ହେଉଛି **୧୨୬** ତମ ଜଲ୍‌ସା ସାଲାନା ।*

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏହାର ମଞ୍ଜୁରି ପ୍ରଦାନ କଲେ ଓ ପ୍ରୋଗ୍ରାମଗୁଡ଼ିକୁ ମଧ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଲେ । ବଦରର ପାଠକେ ଅବଗତ ରୁହନ୍ତୁ ।

**(ନାଜ୍‌ର ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍‌କଜିୟା)**


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୦୮ର ଅବଶିଷ୍ଟାଂଶ ......*

ଡ଼ାକ୍ତରଖାନା, ଡ଼ିସ୍‌ପେନ୍‌ସରି ଏବଂ ଗେଷ୍ଟହାଉସ୍ ଇତ୍ୟାଦିଗୁଡ଼ିକର ଫଟୋ ସବୁ ରଖାଯାଇଛି ଓ ସେ ଗୁଡ଼ିକର ଯଥା ସମ୍ଭବ ପରିଚୟ ଦିଆଯାଇଛି । ୟୁଟ୍ୟୁବ୍‌ର ଗୋଟିଏ ଭିଡ଼ିଓ ଚ୍ୟାନେଲ ମାଧ୍ୟମରେ ଏମ୍.ଟି.ଏର କେତେକେ ବିଶେଷ ଡ଼କ୍ୟୁମେଂଟରୀ ମଧ୍ୟ ଦିଆଯାଇଛି । ଏହି ଓ୍ୱେବସାଇଟ୍‌ରେ ଯମାତ୍ ଅହେମଦୀୟାର ପ୍ରାରମ୍ଭରୁ ନେଇ ଏ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଘଟଣାବଳୀ ଉପରେ ଆଧାରିତ ଟାଇମ୍‌ଲାଇନ୍ ମଧ୍ୟ ଦିଆଯାଉଅଛି । ଇନ୍‌ସଅଲ୍ଲାଃ ଏହି ଯୁମା ନାମଜ୍ ପରେ ମୁଁ ଉକ୍ତ ଓ୍ୱେବସାଇଟକୁ ଲଂଚ ମଧ୍ୟ କରିବି ।

ଆଉ ଏକ ଦୁଃଖପୂର୍ଣ୍ଣ ଖବର ରହିଛି ଯେ, ଆମର ପୁରୁଣା ମିଶିନାରୀ, ସଫିଉର୍ ରହମାନ୍ ଖୁରଶିଦ୍ ସାହେବ ଯିଏ ଆଫ୍ରିକାର ଏବଂ ଅନ୍ୟସ୍ଥାନରେ ମଧ୍ୟ ମୁବଲିଗ୍ ରୂପେ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ପୁଣି ନୁଶରତ୍ ଆର୍ଟପ୍ରେସ୍ ର ସେ ମ୍ୟାନେଜର ଥିଲେ । ଇବ୍‌ନେ ହକିମ୍ ହଫିଜୁର ରହ୍‌ମାନ୍ ସନଓ୍ୱରି ସାହେବ୍ । ୧୬ ସେପ୍ଟେମ୍ବର ଦିନ ୭୫ ବର୍ଷ ବୟସରେ ହୃଦଘାତ ଯୋଗୁଁ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ତାଙ୍କର ମୁଁ ଯନାଜାଃ ଗାଏବ୍ ଏବେ ପଢ଼ାଇବି ।

ସେ ହଜରତ ମୌଲୱି କୁଦରତୁଲ୍ଲାଃ ସନଓ୍ୱରି ସାହେବ ର:ଅ, ହଜରତ ମସିହ ମଉଦ ଆ:ସଙ୍କ ସାହାବୀଙ୍କ ନାତି ଥିଲେ । ସଫିଉର୍ ରହ୍‌ମାନ୍ ଖୁରଶିଦ୍ ସାହେବ୍‌ଙ୍କ ବାପା ମଧ୍ୟ ଓ୍ୱାକିଫେ ଜିନ୍ଦଗି ଥିଲେ ଏବଂ ହଜରତ ମୁସଲେହ୍ ମଉଦ ର:ଅଙ୍କ ନିର୍ଦ୍ଦେଶରେ ସିନ୍ଧ ପ୍ରଦେଶର ଜମିଗୁଡ଼ିକ ଉପରେ ସେବା କାର୍ଯ୍ୟ ସମ୍ପାଦନ କରିଛନ୍ତି । ସଫିଉର୍ ରହମାନ୍ ସାହେବ୍‌ଙ୍କ ପ୍ରାରମ୍ଭିକ ଶିକ୍ଷା ରବୱାରେ ହୋଇଥିଲା ପୁଣି ତାଙ୍କ ମାଆ ଗୋଟିଏ ସ୍ୱପ୍ନ ଦେଖିଥିଲେ ସେହି ସ୍ୱପ୍ନର ଆଧାରରେ ୧୯୬୧ ମସିହାରେ ସେ ଯାମିଆ ଅହେମଦିୟା ରବୱାରେ ପ୍ରବେଶ ହେଲେ ଏବଂ ୧୯୭୦ ମସିହାରେ ଶାହିଦ୍ ଡ଼ିଗ୍ରୀ ହାସଲ କଲେ ତାଙ୍କର ଦୁଇଜଣ ସ୍ତ୍ରୀ ଥିଲେ ପ୍ରଥମ ପତ୍ନୀଙ୍କଠାରୁ ତାଙ୍କର ଜଣେ ଝିଅ ଅଛନ୍ତି ଓ ଦ୍ୱିତୀୟ ପତ୍ନୀଙ୍କର କୌଣସି ସନ୍ତାନ ନାହାନ୍ତି । ତାଙ୍କ ଝିଅ ମଧ୍ୟ ଏଠାରେ ରହୁଛନ୍ତି ତାଙ୍କ ନାମ ହେଉଛି ରୌଶନ୍ ଆରା, ସେ ଜମିଲ୍ ଅହେମଦ୍ ସାହେବଙ୍କ ହେଉଛନ୍ତି ପତ୍ନୀ । ଯାମିୟା ପାଶ୍ କରିବା ପରେ ସଫିଉର୍ ରହମାନ୍ ସାହେବ୍ କିଛି ଦିନ ପାଇଁ ରବୱାରେ ରହି ମର୍‌କଜି କାର୍ଯ୍ୟାଳୟରେ କାର୍ଯ୍ୟକଲେ । ଏହାପରେ ଚକ୍ୱାଲ୍‌ଠାରେ ମୁରବୀ ରୂପେ କାର୍ଯ୍ୟ ସମ୍ପାଦନ କଲେ ଓ ସେଠାରେ ଏକ ବର୍ଷ ପର୍ଯ୍ୟନ୍ତ ମସିହ ମଉଦ ଆ:ସଙ୍କ ସାହାବୀ ହଜରତ ହକିମ୍ ଅବଦୁଲ୍ଲାଃ ସାହେବଙ୍କ ସହିତ ମିଶି ତାଙ୍କୁ ସେବା କରିବାର ସୌଭାଗ୍ୟ ମିଳିଲା । ୧୯୭୨ ମସିହାରେ ତାଙ୍କୁ ସିରିୟାଲିଓନ୍ ପଠାଇ ଦିଆଗଲା ଏବଂ କହୁଛନ୍ତି ଯେ, ଆଫ୍ରିକା ଯାତ୍ରା କରିବା ସମୟରେ ହଜରତ ଖଲିଫତୁଲ୍ ମସିହିଲ୍ ସାଲିସ୍ (ତୃତୀୟ) ତାଙ୍କୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ, ଆଫ୍ରିକୀୟ ଲୋକମାନଙ୍କୁ ଭଲ ପାଉଥିବ । ସେ କହୁଛନ୍ତି ଯେ, ଏହି ଉପଦେଶକୁ ମୁଁ ଗଣ୍ଠିପକାଇ ରଖିଲି । ପୁଣି ଦିନେ ସେ ଖୁଦାତାଲାଙ୍କ ସାହାଯ୍ୟ ସହଯୋଗ ସମ୍ବନ୍ଧରେ ନିଜର ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି । ସେ କହୁଛନ୍ତି ଯେ, ସିରିୟାଲିଓନ୍ ଦେଶର ଦୁରଦୁରାନ୍ତ ଇଲାକା ଗୁଡ଼ିକୁ ବହୁତ ଲମ୍ବା ପାଦରେ ଚାଲି ଚାଲି ଏବଂ ଡ଼ଙ୍ଗା ଦ୍ୱାରା ଯାତ୍ରା କରି ସଂଧ୍ୟା ବେଳକୁ ଗୋଟିଏ ଜନବସତିରେ ପହଂଚିଲେ । ଜଣେ ବୁଢ଼ା ଆଫ୍ରିକୀୟ ଅହେମଦୀ ମଧ୍ୟ ତାଙ୍କ ସହିତ ଥିଲେ ସେଠାରେ ପଂହଚିବା ପରେ ସେହି ଗ୍ରାମର ଚିଫ୍ (ମୁଖିଆ) ସେଠାରେ ଉପସ୍ଥିତ ନଥିଲେ । ସୁତରାଂ ସେମାନଙ୍କର ଯେଉଁ ନିତିନିୟମ ରହିଛି ତାହା ମୁତାବକ ଚିଫ୍ ଇମାମ୍‌ଙ୍କ ନିକଟକୁ ଗଲେ । ଚିଫ୍ ଇମାମ୍ କଥା ଶୁଣିବାକୁ ଅସ୍ୱୀକାର କଲେ ଏବଂ ଏମାନଙ୍କୁ ଗାଁରୁ ବାହାର କରିଦେଲେ । ରାତି ବଢ଼ିଚାଲିଥିଲା ରହିବାପାଇଁ କୌଣସି ଠିକଣା ନଥିଲା । ଏମାନେ ଫେରି ଆସିଲେ ଗ୍ରାମର ଅଳ୍ପଦୂରତାରେ ଜଙ୍ଗଲ ଇଲାକା ଆରମ୍ଭ ହୋଇଥିଲା ଏବଂ ସେଠାରେ ଏପରି ଇଲାକା ଥିଲା ଯେଉଁଠି ସମୁଦ୍ରର ଅଥବା ନଦୀ ପାଣିର ଲହର୍ ମଧ୍ୟ ଆସିଯାଉଥିଲା । ପୁଣି ସେ କହୁଛନ୍ତି ଆମେ ଚାଲିବାକୁ ଲାଗିଲୁ ବହୁତ ବ୍ୟତିବ୍ୟସ୍ତ ଥିଲୁ ଏହିପରି ସମୟରେ ଜଣେ ଲୋକ ଗୋଟିଏ ପଟୁ ଡ଼ାକ ପକାଇଲା ଯିଏ ଉଚ୍ଚାସ୍ଥାନରେ ବସି ରହିଥିଲେ । ପୁଣି ସେ ଆମକୁ ନିଜ ଚାଳିରେ ଶରଣ ଦେଲେ । କିଛି ସମୟପରେ ପୁଣି କିଛି ଶବ୍ଦ ଆସିଲା, ଲୋକମାନେ ଆମକୁ ଡ଼ାକୁଥିଲେ ଯେତେବେଳେ ଆହୁରି ନିକଟକୁ ଆସିଲୁ ତ ଜାଣିବାକୁ ପାଇଲୁ ଯେ, ସେମାନେ ଏକଥା କହୁଥିଲେ ଯେ, ଚିଫ୍ ଇମାମ୍ ତୁମକୁ ପୁଣି ଡ଼ାକୁଛନ୍ତି କାରଣ ଯେବେଠାରୁ ସେ ତୁମକୁ (ଗ୍ରାମରୁ) ବାହାର କରିଦେଇଛି, ତୁମ ଯିବାପରେ ପରେ ତା ମୁଣ୍ଡରେ ଭିଷଣ ବିନ୍ଧା ଆରମ୍ଭ ହୋଇଯାଇଛି । ଏଥିରେ ସେ କହିଲେ ଯେ, ତାଙ୍କୁ ଡ଼ାକି ଆଣ କାଳେ ଏଥିପାଇଁ ସେମାନଙ୍କ ଯୋଗୁଁ ମୋ ମୁଣ୍ଡରେ ବ୍ୟଥା ହେଉଥିବ ସେ ଯାହା ହେଉ ଏମାନେ ଫେରିଗଲେ । ସେ ପୁରା ଗାଁର ଲୋକମାନଙ୍କୁ ଏକାଠି କଲେ । ଏବଂ ପୁଣି ସେ କହୁଛନ୍ତି ଯେ, ସେହି ଗ୍ରାମରେ ରାତିବେଳା ଆମେ ତବ୍‌ଲିଗ୍ କଲୁ । ଦଶ ରୁ ବାର ଜଣ ଲୋକ ଅହେମଦୀୟତକୁ ଗ୍ରହଣ କଲେ ଏବଂ ସେ କହୁଛନ୍ତି ଚିଫ୍ ଇମାମ୍‌ଙ୍କ ମୁଣ୍ଡବ୍ୟଥା ପାଇଁ ଆମେ ଯେତେବେଳେ ସୁରାଃ ଫାତିହାର ଦମ୍ କଲୁ ସେତେବେଳେ ସେ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପା ବଳରୁ ଠିକ୍ ହୋଇଗଲା । ଏହିପରି ଅଲ୍ଲାଃ ତାଲା ସ୍ୱୟମ୍ ତାଙ୍କ ରହିବାପାଇଁ ମଧ୍ୟ ସୁବ୍ୟବସ୍ଥା କରିଦେଲେ । ନା କେବଳ ରହିବା ପାଇଁ ବ୍ୟବସ୍ଥାକଲେ ବରଂ ବୟତ ମଧ୍ୟ ପ୍ରଦାନ କଲେ ।

ସେଠାରେ ତାଙ୍କୁ ସିରିୟାଲିଓନ୍‌ରେ ପ୍ରିଟିଙ୍ଗପ୍ରେସ୍ ଜାରି କରିବାର ସୌଭାଗ୍ୟ ମଧ୍ୟ ମିଳିଛି । ହଜରତ ଖଲିଫତୁଲ୍ ମସିହି ସାଲିସ୍ ର:ଅ ସେଠାକୁ ବିଶେଷ ମେସିନ୍ ପଠାଇଥିଲେ ଯାହା ସେଠାରେ ଲଗା ଯାଇଥିଲା । ସେ ସମୟରେ ପ୍ରଥମେ ସେଠାରେ ପ୍ରେସ ସଫଳ ହୋଇପାରୁନଥିଲା ସେ ଯାହା ହେଉ ସେ ବହୁତ ସଫଳତାର ସହିତ ତାଙ୍କୁ ଚଳାଇଲେ ଏବଂ ହଜରତ ଖଲିଫତୁଲ୍ ମସିହି ସାଲିସ୍ ର:ଅ ସେହି ପ୍ରେସ ଯୋଗୁଁ ତାଙ୍କୁ ବହୁତ ପ୍ରଶଂସା କରୁଥିଲେ । ପୁଣି ତା'ପରେ ତାଙ୍କର ଡ୍ୟୁଟି ନାଇଜେରିଆ ଦେଶରେ ଲାଗିଲା ସେଠାରେ ମଧ୍ୟ ସେ ଯମାତ୍‌ର ପ୍ରେସ୍ ଜାରି କଲେ ଓ ବହୁତ ସଫଳତାର ସହିତ ଚଳାଇଲେ । ବରଂ ସେ ସମୟରେ ଗୋଟିଏ ଦୁର୍ଘଟଣା ମଧ୍ୟ ଘଟିଥିଲା ଯେ, କାମ କରିବା ସମୟରେ ପ୍ରେସ୍‌ର ମେସିନ୍ ତଳେ ଆସି ତାଙ୍କର ଗୋଟିଏ ଆଙ୍ଗୁଳି କଟିଗଲା ତା'ର ସେ ବହୁତ ଉପଚାର କରିଛନ୍ତି କିନ୍ତୁ ତାହା ଠିକ୍ ହୋଇପାରୁନଥିଲା । ହଜରତ ଖଲିଫତୁଲ୍ ମସିହି ରାବେଙ୍କୁ ଯେତେବେଳେ ଜଣାପଡ଼ିଲା ସେ ତାଙ୍କୁ କହିଲେ ଯେ, ଲଣ୍ଡନରେ ଆସି ଚିକିତ୍ସା କରାଅ । ଏବଂ ପୁଣି ସେ ଅଲ୍ଲାଃ ତାଲାଙ୍କ କୃପାବଳରୁ ଠିକ୍ ମଧ୍ୟ ହୋଇଗଲେ । ପୁଣି ରକିମ୍ ପ୍ରେସ୍ ଯେବେ ଏଠାରେ କାଏମ୍ ହେବାର ଥିଲା ସେ ଏଠାରେ ଥିଲେ । ହଜରତ ଖଲିଫତୁଲ୍ ମସିହ୍ ରାବେ କହୁଛନ୍ତି ଯେ, ତୁମେ ଏଠାରେ ପ୍ରେସ ଲଗାଇବା ପାଇଁ ଚେଷ୍ଟା କର । ଏବଂ ଯେଉଁ କମିଟି ଏଠାରେ ନିର୍ମାଣ କରାଗଲା ସେଥିରେ ମୁସ୍ତଫା ସାବିତ୍ ସାହେବ୍ ଏବଂ ମୁବାରକ୍ ସାକି ସାହେବ୍ ମଧ୍ୟ ସାମିଲ ଥିଲେ । ସେଥିରେ ସେମାନଙ୍କୁ ମଧ୍ୟ ସାମିଲ କଲେ ଓ ପୁଣି ଏଠାରେ ବର୍ତ୍ତମାନ ପ୍ରେସ୍ ମଧ୍ୟ ଅଲ୍ଲାଃ ତାଲାଙ୍କ କୃପାବଳରୁ ଚାଲୁଅଛି ।

ତାଙ୍କୁ ସତର ବର୍ଷ ଆଫ୍ରିକା ଦେଶଗୁଡ଼ିକରେ ସିରିଆଲିଓନ୍ ଏବଂ ନାଇଜେରିଆରେ ସେବା କରିବାର ସୌଭାଗ୍ୟ ମିଳିଛି । ପୁଣି ୧୯୮୮ ମସିହାରେ ହଜରତ ଖଲିଫତୁଲ୍ ମସିହ ରାବେ ଆଫ୍ରିକା ଗସ୍ତ ସମୟରେ ତାଙ୍କୁ କହିଲେ ଯେ, କ୍ୟାମେରୁନ୍ ଯାଅ ଓ ସେଠାରେ ଯାଇ ଯମାତ୍ ଆରମ୍ଭ କର । ସୁତରାଂ ବହୁତ କଷ୍ଟପରେ ତାଙ୍କୁ ଭିଜା ମିଳିଲା । ସେ ସେଠାକୁ ଗଲେ ଓ ଗୋଟିଏ ମାସ ପର୍ଯ୍ୟନ୍ତ କ୍ୟାମେରୁନ୍‌ରେ ରହିଲେ ଓ ସେଠାରେ ତବ୍‌ଲିଗ୍ କରିବାପାଇଁ ଅବସର ମଧ୍ୟ ସୃଷ୍ଟି ହୋଇଗଲା । ରେଡ଼ିଓ ରେ ତାଙ୍କର ଇଂଟରଭ୍ୟୁ ପ୍ରସାରଣ ହେଲା ଏବଂ ଅଲ୍ଲାଃ ତାଲାଙ୍କ କୃପାବଳରୁ ଗସ୍ତ ସମୟରେ ଗୋଟିଏ କୁଟୁମ୍ବ ବୟତ କରିବାର ସୌଭାଗ୍ୟ ମଧ୍ୟ ପାଇଲେ । ୧୯୮୮ ମସିହାରେ ସେ ପାକିସ୍ତାନ ଚାଲିଆସିଲେ ପୁଣି ଲାହୋରଠାରେ ଜଣେ ମୁରବୀ ରୂପେ ସେବା କାର୍ଯ୍ୟ ସମ୍ପାଦନ କରିବାର ସୌଭାଗ୍ୟ ପାଇଛନ୍ତି । ସେ ଏଠାକୁ ମଧ୍ୟ ବିଭିନ୍ନ ଅବସରରେ ଜଲ୍‌ସାରେ ଆସି ଯୋଗ ଦେଇଛନ୍ତି । ପ୍ରାଇଭେଟ୍ ସେକ୍ରେଟାରୀଙ୍କ କାର୍ଯ୍ୟାଳୟରେ ସେବା କାର୍ଯ୍ୟ କରୁଥିଲେ । ୧୯୯୧ ମସିହାଠାରୁ ନୁସ୍‌ରତ୍ ଆର୍ଟ ପ୍ରେସର ମ୍ୟାନେଜର ରୂପେ ମଧ୍ୟ କାର୍ଯ୍ୟ ତୁଲାଇଛନ୍ତି । ପୁଣି କିଛି ଦିନ ହେବ ତାଙ୍କୁ ହୃଦଘାତ ହୋଇଥିବା ଯୋଗୁଁ ସେ ବେମାର ପଡ଼ିଆସୁଥିଲେ । ସେ ରିଟାୟର୍ଡ଼ମେଂଟ ମଧ୍ୟ କରିସାରିଛନ୍ତି ।

ଅଲ୍ଲାଃ ତାଲା ତାଙ୍କ ଉପରେ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ତାଙ୍କ ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରନ୍ତୁ ତାଙ୍କର ଜଣେ ଝିଅ ଅଛନ୍ତି ତାଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ସେହିପରି ତାଙ୍କ ପତ୍ନୀଙ୍କୁ ମଧ୍ୟ ଧୈର୍ଯ୍ୟ ଓ ଆତ୍ମସାହାସ ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରେଟରୀ ରିସ୍ତାନାତା କହିଲେ ଯେ, ତାଙ୍କର ଇଂଟର ନ୍ୟାସନାଲ ରିସ୍ତାନାତା କମିଟି ସହିତ ଯୋଗଯୋଗ ରହିଛି ଓ ସେମାନେ କେତେକ ପରାମର୍ଶ ମଧ୍ୟ ପଠାଇଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏ ପ୍ରସଙ୍ଗରେ ମରକଜ୍ ସହିତ ନିୟମିତ ଯୋଗାଯୋଗ ରଖନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରଟରୀ ରିସ୍ତାନାତା କହିଲେ ଯେ, ଏ ପର୍ଯ୍ୟନ୍ତ ୧୦ ଟି ରିସ୍ତା ନିର୍ଦ୍ଧାରଣ ହୋଇସାରିଛି । ସେଥିମଧ୍ୟରେ ସେମାନେ ମଧ୍ୟ ସାମିଲ ଅଛନ୍ତି । ଯେଉଁମାନଙ୍କର ବିବାହ ହୋଇସାରିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରଟରୀ ଉମୁରେ ଖାରେଜାଙ୍କୁ ପଚାରିଲେ ଯେ, ଏ ବର୍ଷ ଆପଣଙ୍କର କ'ଣ ଯୋଜନା ରହିଛି । ଆପଣଙ୍କ ବିଭାଗରେ କେଉଁ କାର୍ଯ୍ୟ ରହିଛି ? କ'ଣ ଆପଣ ସେହି କାର୍ଯ୍ୟ ସମ୍ବନ୍ଧରେ ଜାଣିଛନ୍ତି ? ଏଥିରେ ନ୍ୟାସନାଲ ସେକ୍ରଟରୀ ଉମୁରେ ଖାରେଜା କହିଲେ ଯେ, ତହରିକ୍ ଯଦିଦ ର କାଇଦା ମୁତାବକ ଗର୍ଭନମେଂଟ ଅଥୋରିଟି, ଧର୍ମୀୟ ଅର୍ଗାନାଇଜେସନ୍ ଏବଂ ଅନ୍ୟାନ୍ୟ କାର୍ଯ୍ୟଳୟ ସହିତ ଯୋଗାଯୋଗ ସ୍ଥାପନ କରିବା । ଇଲେକ୍ଟ୍ରୋନିକ ଏବଂ ପ୍ରିଂଟ ମିଡ଼ିଆରେ ଯମାତ୍‌ର ଦୃଷ୍ଟିକୋଣକୁ ଉଜାଗର କରିବା ହେଉଛି ତାଙ୍କର କାର୍ଯ୍ୟ ।

⌘⌘⌘⌘⌘⌘⌘⌘⌘⌘⌘

**ହଜରତ୍ ଅମୀରୁଲ୍ ମୁମିନିନଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# : ଖୁତ୍‌ବା ଜୁମା :

**ମୁସଲେମା କଜାବ୍ ତରଫରୁ ବିଦ୍ରୋହର ଘୋଷଣା ହିଁ ବାସ୍ତବରେ ଯୁଦ୍ଧର ଅସଲ କାରଣ ଥିଲା ।**

**''ଯଦି ତୁମମାନଙ୍କ ମଧ୍ୟରୁ କେହି ଆସନ୍ତି ଓ ସେତେବେଳେ ଇମାମ୍ ଖୁତ୍‌ବା ଦେଉଥିବେ ତେବେ ତାହା ପାଇଁ ଉଚିତ ହେବ ଯେ, ସେ ଦୁଇରେକାତ୍ ନମାଜ୍ ପାଠ କରୁ ଏବଂ ସେହି ଦୁଇରେକାତ୍ ହଲ୍‌କା ହେଉ'' (ଅଲ୍ ହଦୀସ୍) ।**

**''ଅଲ୍ଲାଃଙ୍କ ରାଣ ମୁଁ କେବେ ଏପରି କଏଦୀଙ୍କୁ ଦେଖିନାହିଁ ଯିଏ ଖୁବୈବ୍‌ଙ୍କଠାରୁ ଉତମ ହୋଇଥିବ'' ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜରତ ସ:ଆ:ସଙ୍କ ବଦ୍ରୀ ସାହାବଗଣ ହଜରତ ୟଜିଦ୍ ବିନ୍ ରୁକୈଶ୍, ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ର୍‌ମା, ହଜରତ ଅମରୋ ବିନ୍ ମାଆବଦ୍, ହଜରତ ନୋମାନ୍ ବିନ୍ ମାଲିକ୍ ଏବଂ ହଜରତ ଖୁବୈବ୍ ବିନ୍ ଅଦି ଅନ୍‌ସାରୀ ରଜିଅଲ୍ଲାହୋ ଅନ୍‌ହୁମ୍‌ଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ବର୍ଣ୍ଣନା ।**

**ମିଥ୍ୟା ନବୁଓ୍ୱତର ଦାବି କରୁଥିବା ମୁସଲିମା କଜାବ ବିରୋଧରେ ଲଢ଼ାଯାଇଥିବା ନିଷ୍ପତିମୂଳକ ୟମାମା ଯୁଦ୍ଧ ।**

**ବଦର୍ ଯୁଦ୍ଧ ସମାପ୍ତି ହେବାର ସଙ୍ଗେସଙ୍ଗେ ଅନୁଷ୍ଠିତ ହୋଇଥିବା ରଜି ଘଟଣା ଏବଂ ହଜରତ ଖୁବୈବ୍ ର:ଅଙ୍କ ଶହୀଦ ହେବାର ବିବରଣୀର ବର୍ଣ୍ଣନା ।**

**ଆଫ୍ରିକାର ବିଭିନ୍ନ ଦେଶଗୁଡ଼ିକରେ ମୁବ୍‌ଲିଗ୍ ସିଲ୍‌ସିଲା ରୂପେ ଏବଂ ଇନଚାର୍ଜ ପ୍ରେସ୍ ଓ ତତ୍‌ସହିତ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ନୁସରତ୍ ଆର୍ଟପ୍ରେସ ରବ୍‌ୱାର ମ୍ୟାନେଜର ରୂପେ ସେବା କରିବାର ସୌଭାଗ୍ୟ ପାଇଥିବା ମୁରବୀ ସିଲ୍‌ସିଲା ମୁହତରମ୍ ସଫିଉର୍ ରହ୍‌ମାନ୍ ସାହେବ ଖୁରଶିଦ୍‌ଙ୍କ ଦେହାନ୍ତରେ ମର୍‌ହୁମ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ଯୁମା ନମାଜ ପରେ ତାଙ୍କର ନାମଜ୍ ଯନାଜାଃ ଗାଏବ୍ ପାଠ ।**

**ତାରିଖେ ଅହେମଦୀୟତ (ଅହେମଦିୟତର ଇତିହାସ) ବିଭାଗର ୱେବସାଇଟ୍‌ର ସୁଭାରମ୍ଭ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୦ ସେପ୍ଟେମ୍ବର ୨୦୧୯ ଅନୁଯାୟୀ ୨୦ ତବୁକ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବଦରି ସାହାବାଙ୍କ ଗୁଣବର୍ଣ୍ଣନାରେ ଆଜି ଯେଉଁ ସାହାବିଙ୍କ ଗୁଣଗାନରୁ ମୁଁ ଏହି ଖୁତ୍‌ବାକୁ ଆରମ୍ଭ କରିବି ସେ ହେଉଛନ୍ତି ହଜ୍‌ରତ୍ ୟଜିଦ୍ ବିନ୍ ରୁକୈଶ୍ ର:ଅ । ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅଙ୍କ ସମ୍ବନ୍ଧ କୁରୈଶ୍ କବିଲାର ବନୁ ଅସଦ୍ ବିନ୍ ଖଜିମା ଖାନ୍‌ଦାନ୍ ସହିତ ଥିଲା । ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅ ବନୁ ଅବଦ୍ ଶମ୍‌ସ୍‌ର ମିତ୍ର ଥିଲେ ।

*(ସିରତୁନ୍ ନବଓ୍ୱିୟା ଲି ଇବ୍‌ନେ ହୁଶାମ୍ ପୃ-୪୬୦.......... ବେରୁତ ୨୦୦୧)*

କିଛି ଲୋକେ ତାଙ୍କ ନାମ ଅର୍‌ବଦ୍ ବୋଲି ମଧ୍ୟ ବର୍ଣ୍ଣନା କରିଛନ୍ତି କିନ୍ତୁ ଏହା ସଠିକ୍ ନୁହେଁ । *(ଉସଦୁଲ୍ ଗାବାଃ......ଖଣ୍ଡ-୫, ପୃ-୪୫୨......... ବେରୁତ ୨୦୦୮)*

ହଜ୍‌ରତ୍ ୟଜିଦ୍ ର:ଅଙ୍କ ବାପାଙ୍କ ନାମ ରୁକୈଶ୍ ବିନ୍ ରାଇ୍ ଥିଲା । ତାଙ୍କ କୁନିୟତ ଅବୁ ଖାଲିଦ୍ ଥିଲା । ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅ ବଦର ଯୁଦ୍ଧ, ଉହଦ୍, ଏବଂ ଖନ୍ଦକ ଯୁଦ୍ଧ ସମେତ ସମସ୍ତ ଗଜ୍‌ୱାତ୍ (ଯୁଦ୍ଧ)ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ହଜ୍‌ରତ୍ ୟଜିଦ୍ ବିନ୍ ରୁକୈଶ୍ ର:ଅ ବଦର୍ ଯୁଦ୍ଧରେ ତୈ କବିଲାର ଜଣେ ବ୍ୟକ୍ତି ଅମ୍‌ରୋ ବିନ୍ ସୁଫିୟାନଙ୍କୁ କତଲ୍ (ହତ୍ୟା) କରିଥିଲେ । *(ତବ୍‌କାତୁଲ୍ କୁବ୍‌ରା..........ଖଣ୍ଡ-୩, ପୃ-୫୦.......ଦାର ଅହ୍‌ୟା.......୧୯୯୬)* *(ସିରତୁନ୍ ନବଓ୍ୱିୟା ଲି ଇବ୍‌ନେ ହୁଶାମ୍ ପୃ-୪୮୦.......ବେରୁତ ୨୦୦୧)*

ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅଙ୍କ ଜଣେ ଭାଇଙ୍କର ନାମ ହଜରତ ଅବଦୁର୍ ରହ୍‌ମାନ୍ ବିନ୍ ରୁକୈଶ୍ ର:ଅ ଥିଲା ଯିଏ ଉହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ ।

*(ତବକାତୁଲ୍ କୁବ୍‌ରା ଲି ଇବ୍‌ନେ ସାଆଦ୍ ଖଣ୍ଡ-୪, ପୃ-୩୭୦......ଦାରେ ଅହ୍‌ୟା ୧୯୯୬)*

ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅଙ୍କର ଜଣେ ଭଉଣୀଙ୍କ ନାମ ହଜରତ ଆମିନା ବିନ୍‌ତେ ରୁକୈଶ୍ ର:ଅ ଥିଲା ଯିଏ ମକ୍କାରେ ପ୍ରାରମ୍ଭରୁ ହିଁ ଇସ୍‌ଲାମ୍ ଗ୍ରହଣ କରିଥିଲେ । ସେ ମଧ୍ୟ ନିଜ ପରିବା ସମେତ ମକ୍କାରୁ ମଦିନା ହିଜ୍‌ରତ କରିଛନ୍ତି ।

*(ତବ୍‌କାତୁଲ୍ କୁବ୍‌ରା ଲି ଇବ୍‌ନେ ସାଆଦ୍ ଖଣ୍ଡ-୮,ପୃ-୩୭୧.........ଦାରେ ଅହ୍‌ୟା....୧୯୯୬)*

ହଜ୍‌ରତ୍ ୟଜଦ୍ ବିନ୍ ରୁକୈଶ୍ ର:ଅ ୟମାମା ଯୁଦ୍ଧ ଦିନ ୧୨ ହିଜ୍‌ରୀରେ ଶହୀଦ୍ ହୋଇଥିଲେ *(ତବ୍‌କାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୫୦........୧୯୯୬)*

ଏହି ଯୁଦ୍ଧ ସମ୍ବନ୍ଧରେ କିଛି ବିବରଣୀ ଏପରି ରହିଛି । ଥରେ ପୂର୍ବରୁ ମଧ୍ୟ ମୁଁ କିଛି କଥା ସଂକ୍ଷିପ୍ତରେ ଏ ବାବଦରେ ବର୍ଣ୍ଣନା କରିଛି । ୟମାମା ଯୁଦ୍ଧ ହଜରତ ଅବୁବକର୍ ର:ଅଙ୍କ ଖିଲାଫତ୍ ସମୟରେ ୧୧ ହିଜ୍‌ରୀରେ ଅନୁଷ୍ଠିତ ହୋଇଥିଲା । କେତେକ ଐତିହାସିକଙ୍କ ମତରେ ଏହା ୧୨ ହିଜ୍‌ରୀରେ ହୋଇଥିଲା । ଏହି ଯୁଦ୍ଧ ମୁସ୍‌ଲିମା କଜ୍ଜାବରେ ବିରୋଧରେ ୟମାମା ନାମକ ସ୍ଥାନରେ ଲଢ଼ି ଯାଇଥିଲା । ହଜରତ ଅବୁବକର ର:ଅ ହଜରତ ଅକ୍‌ରମା ର:ଅ ବିନ୍ ଅବୁ ଜହଲ୍‌ଙ୍କ ନେତୃତ୍ୱରେ ଗୋଟିଏ ସେନା ଦଳ ମୁସ୍‌ଲେମା କଜ୍ଜାବ ସହିତ ଯୁଦ୍ଧ କରିବା ପାଇଁ ପ୍ରେରଣ କରିଥିଲେ । ତାଙ୍କ ପଛେ ପଛେ ତାଙ୍କୁ ସାହାଯ୍ୟ କରିବା ପାଇଁ ଶର୍‌ଜିଲ୍ ବିନ୍ ହସନାଃ ର:ଅଙ୍କ ନେତୃତ୍ୱରେ ଆଉ ଏକ ସେନାଦଳ ପ୍ରେରଣ କଲେ । ହଜରତ ଅକ୍‌ରମା ର:ଅ ହଜରତ ଶୁର୍‌ଜିଲ୍ ର:ଅଙ୍କ ପହଂଚିବା ପୂର୍ବରୁ ମୁସ୍‌ଲେମା କଜ୍ଜାବ୍ ସହିତ ଯୁଦ୍ଧ ଆରମ୍ଭ କରିଦେଲେ ଯଦ୍ୱାରା ସଫଳତାରେ ଶ୍ରେୟ ତାଙ୍କୁ ମିଳିପାରିବ କିନ୍ତୁ ସେ ମୁସ୍‌ଲେମାଠାରୁ ହାରିଲେ । ଏ ଘଟଣା ସମ୍ବନ୍ଧରେ ଯେତେବେଳେ ହଜରତ ଶୁର୍‌ଜିଲ୍ ଜାଣିଲେ ସେ ରାସ୍ତାରେ ହିଁ ରହିଗଲେ । ଏହାର ଉତରରେ ହଜରତ ଅବୁ ବକର୍ ର:ଅ ତାଙ୍କୁ ଲେଖିଲେ ଯେ ତୁମେ ମତେ ଏପରି ଅବସ୍ଥାରେ ସାକ୍ଷାତ କରନାହିଁ ଏବଂ ମୁଁ ମଧ୍ୟ ତୁମ ସହିତ ସାକ୍ଷାତ କରିବି ନାହିଁ, ତେଣୁ ମଦିନା ଆସିବା ଦରକାର ନାହିଁ, କାରଣ ଏହା ଦେଖି ଲୋକମାନଙ୍କ ମଧ୍ୟରେ କାତରତା ସୃଷ୍ଟି ହେବ । ବରଂ ନିଜ ସେନାକୁ ଧରି ଅମାନ୍ ଏବଂ ମହିରା ଇଲାକାର ବିଦ୍ରୋହୀ ଗୋଷ୍ଠିଙ୍କ ସହିତ ଯାଇ ଯୁଦ୍ଧ କର, ତା'ପରେ ଯାଇ ୟମନ୍ ଓ ହଜ୍‌ରେ ମୌତ୍‌ଠାରେ ବିଦ୍ରୋହୀଙ୍କ ସହିତ ଯୁଦ୍ଧ କର । ହଜରତ ଅବୁବକର ର:ଅ ହଜରତ ଶୁର୍‌ଜିଲ୍‌ଙ୍କୁ ଲେଖିଲେ ଯେ ତୁମେ ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କ ଆସିବା ପର୍ଯ୍ୟନ୍ତ ନିଜ ସ୍ଥାନରେ ଅପେକ୍ଷା କର । ହଜରତ ଅବୁ ବକର୍ ହଜରତ ଖାଲିଦ୍ ର:ଅଙ୍କୁ ମୁସ୍‌ଲେଖା କଜ୍ଜାବଙ୍କ ସହିତ ଯୁଦ୍ଧ କରିବା ପାଇଁ ପଠାଇଲେ ଏବଂ ତାଙ୍କ ସହିତ ମୁହାଜିର୍ ଓ ଅନ୍‌ସାରମାନଙ୍କର ଏକ ବହୁତ ବଡ଼ ଦଳ ପ୍ରେରଣ କଲେ । ଅନ୍‌ସାରଙ୍କ ଦଳର ସର୍‌ଦାର ହଜରତ ସାବିତ୍ ବିନ୍ କୈସ୍ ର:ଅ ଏବଂ ମୁହାଜିର୍ ମାନଙ୍କର ସର୍‌ଦାର୍ ହଜରତ ଅବୁ ହୁଜୈଫା ଓ ହଜରତ ଜୈଦ୍ ବିନ୍ ଖତାବ୍ ଥିଲେ । ହଜରତ ଶୁର୍‌ଜିଲ୍ ର:ଅ ହଜରତ ଖାଲିଦ୍ ର:ଅଙ୍କ ଆସିବା ପୂର୍ବରୁ ମସୁଲେଖା କଜ୍ଜାବ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିଦେଲେ ଓ ମୁକାବିଲା କରି ପଛକୁ ଫେରିଲେ ଅର୍ଥାତ ପଛଗୁଚାଂଦେଲେ । ହଜରତ ଅବୁବକର ର:ଅ

ହଜରତ ଖାଲିଦ୍ ର:ଅଙ୍କୁ ସାହାଯ୍ୟ କରିବା ପାଇଁ ହଜରତ ସଲିତ ର:ଅଙ୍କ ନେତୃତ୍ୱରେ ଆହୁରି କିଛି ଲୋକଙ୍କୁ ପଠାଇଲେ ଫଳତ ପଛପଟୁ ତାଙ୍କ ଉପରେ କେହି ଆକ୍ରମଣ କରି ନା ପାରନ୍ତି । ହଜରତ ଅବୁ ବକର୍ ର:ଅ କହୁଥିଲେ ଯେ ମୁଁ ଚାହୁଁନାହିଁ ଯେ ମୁଁ ବଦରି ସାହାବାମାନଙ୍କୁ ବ୍ୟବହାର କରିବି । ମୁଁ ତାଙ୍କୁ ଏପରି ଅବସ୍ଥାରେ ରହିବାକୁ ପସନ୍ଦ କରୁଛି ଯେ ସେମାନେ ନିଜର ସୁକର୍ମ ସହିତ ଅଲ୍ଲାଃଙ୍କ ସହିତ ସାକ୍ଷାତ କରନ୍ତୁ । ହଜୁର ଅନଓ୍ୱର କହୁଛନ୍ତି ଯେ: ଅଲ୍ଲାଃ ତାଲା ସେମାନଙ୍କ ବର୍କତ୍ରୁ ଓ ପୂଣ୍ୟଲୋକମାନଙ୍କ ବର୍କତ୍ରୁ ଏହାଠାରୁ ବଡ଼ ବଡ଼ ମୁସିବତ୍କୁ (ଅର୍ଥାତ ପରୀକ୍ଷାକୁ) ସହଜ କରିଦିଏ । କିନ୍ତୁ ବିବଶତା ଦୃଷ୍ଟିରୁ ସେମାନେ ଯୁଦ୍ଧରେ ସାମିଲ ମଧ୍ୟ ହୋଇଥିଲେ କିନ୍ତୁ ହଜରତ ଉମର ର:ଅଙ୍କ ରାଏ ଏହାର ବିପରିତ ଥିଲା । ସେ ବଦ୍ରି ସାହାବାମାନଙ୍କୁ ସୈନିକ ରୂପେ ବ୍ୟବହାର କରି ନେଉଥିଲେ ।

ସେ ଯାହା ହେଉ ଏହି ଯୁଦ୍ଧରେ ମସୁଲମାନମାନଙ୍କ ସଂଖ୍ୟା ତେର ହଜାର (୧୩୦୦୦) ଥିଲା ଯେବେ କି ମୁସ୍ଲେମା କଜ୍ଜାବର ସେନାର ସଂଖ୍ୟା ଚାଳିଶି ହଜାର ଥିଲା ବୋଲି ବର୍ଣ୍ଣିତ ଅଛି । ମୁସ୍ଲେମା କଜ୍ଜାବ୍ ସହିତ ଜଣେ ବ୍ୟକ୍ତି ନହାରୁର୍ ରିଜାଲ୍ ବିନ୍ ଉନ୍ଫୁହ୍ ଥିଲଶ ଯିଏ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରରେ ଉପସ୍ଥିତ ହେଲା, ସେଠାରେ ପବିତ୍ର କୁର୍ଆନ୍ ଏବଂ ଦୀନ୍ (ଧର୍ମଶିକ୍ଷା) ସମ୍ବନ୍ଧରେ ଶିକ୍ଷାଲାଭ କଲା । ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ୟମାମାବାସୀଙ୍କ ନିକଟକୁ ମୁଅଲ୍ଲିମ୍ (ଶିକ୍ଷକ) ରୂପେ ପଠାଇଲେ ଯଦ୍ୱାରା ସେ ମୁସ୍ଲେମା କଜ୍ଜାବ୍ର ନବୁଓ୍ୱତ୍ର ଦାବୀକୁ ଖଣ୍ଡନ କରିବ । (କିନ୍ତୁ) ସେହି ବ୍ୟକ୍ତି ଜଣକ ସେଠାରେ ଯାଇ ମୁର୍ତଦ୍ (ଅର୍ଥାତ ଇସ୍ଲାମ ଧର୍ମ ପରିତ୍ୟାଗ କରି ବିଧର୍ମ) ହୋଇଗଲା । ଏ କଥାର ସାକ୍ଷି ଦେଲା ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା ବର୍ଣ୍ଣନା କରିବାର ଶୁଣିଛି ଯେ, ମସୁଲିମାକୁ ମୋ ସହିତ ନବୁଓ୍ୱତ୍ରେ ସାମିଲ କରାଯାଇଅଛି । ଅର୍ଥାତ ସେ ମିଥ୍ୟା ସାକ୍ଷି ଦେଇ ଦେଲା ଯେ ଆଁ ହଜରତ ସ:ଆ:ସ ଏପରି କହିଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହୁଛନ୍ତି ଯେ: ଏବେ ମଧ୍ୟ ସେହି ପ୍ରକୃତିର ଲୋକମାନେ ଯେବେ ମୁର୍ତଦ୍ ହେଉଛନ୍ତି ସେହିପରି ମିଛ କଥା କହୁଛନ୍ତି । ମିଥ୍ୟାରୋପ ଲଗାଉଛନ୍ତି । ସେ ଯାହା ହେଉ ମୁସ୍ଲେମା କଜ୍ଜାବ୍ର କବିଲା ବନୁ ହନିଫା ଉପରେ ଉକ୍ତ ବ୍ୟକ୍ତିର ଧର୍ମ ପରିତ୍ୟାଗ କରିବା ଦ୍ୱାରା ପ୍ରଭାବ ପଡ଼ିଲା କାରଣ ସେହି ଲୋକଟିକୁ ତର୍ବିୟତ୍ ହାସଲ କରିବା ପାଇଁ ପଠାଯାଇଥିଲା ଓ ତା ଅନ୍ତର୍ଗତ ବହୁତ ଲୋକ ଥିଲେ । ଯେତେବେଳେ ସେ ଏପରି କଥା କହିଲା (ଅର୍ଥାତ ମିଥ୍ୟା ସାକ୍ଷି ଦେଲା) ସେତେବେଳେ ଲୋକମାନଙ୍କ ଉପରେ ନବୁଓ୍ୱତ୍ର ଦାବି ସମ୍ବନ୍ଧରେ ଏତେ ପ୍ରଭାବ ନଥିଲା କିନ୍ତୁ ତାର କଥା ଯୋଗୁଁ ଲୋକମାନେ ପ୍ରଭାବିତ ହେଲେ । ତା ସାକ୍ଷ୍ୟକୁ ସମସ୍ତେ ସ୍ୱୀକାର କଲେ ଫଳତ ସେମାନେ ସମସ୍ତେ ମୁସ୍ଲେମା କଜ୍ଜାବ୍ ବଶତା ସ୍ୱୀକାର କଲେ । ଏବଂ ତାକୁ କହିଲେ ଯେ ତୁମେ ନବି କରିମ୍ ସ:ଆ:ସଙ୍କୁ ଚିଠି ଲେଖ । ଯଦି ସେ ତୁମ କଥା ନମାନନ୍ତି ସେତେବେଳେ ଆମେମାନେ ତାଙ୍କ ବିରୋଧରେ ତୁମକୁ ସାହାଯ୍ୟ କରିବୁ । ସେମାନଙ୍କ ତରଫରୁ ଏପରି ବିଦ୍ରୋହ କରିବା ଘୋଷଣା ହିଁ ବାସ୍ତବରେ ଯୁଦ୍ଧ ହେବାର ଅସଲ କାରଣ ଥିଲା । ଯେବେ ମୁସେଲିମାକୁ ଜଣାପଡ଼ିଲା ଯେ ହଜରତ ଖାଲିଦ୍ ର:ଅ ନିକଟରେ ପହଚିଗଲେଣି, ଏହି ଯୁଦ୍ଧ ସମ୍ବନ୍ଧରେ ଯେଉଁ ଘଟଣା ବର୍ଣ୍ଣନା କରାଯାଉଛି ଅର୍ଥାତ ହଜରତ ଖାଲିଦ୍ ର:ଅଙ୍କୁ ହଜରତ ଅବୁବକର ର:ଅ ତାଙ୍କୁ ପଠାଇଥିଲେ । ସେ ନିକଟରେ ପହଂଚିଗଲେଣି । ଏପରି ଉଦ୍ଦେଶ୍ୟ ରହିଛି ଯେ ହଜରତ ଖାଲିଦ୍ ର:ଅଙ୍କ ସମ୍ବନ୍ଧରେ ଯେବେ ମୁସ୍ଲେମା ଜାଣିବାକୁ ପାଇଲା ଯେ, ସେ ନିକଟରେ ହେଲେଣି ବୋଲି ସେ ଅକ୍ରବା ନାମକ ସ୍ଥାନରେ ନିଜର ଛାଉଣୀ ପକାଇଲା ଓ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଡ଼ାକିଲା । ବହୁ ସଂଖ୍ୟକ ଲୋକ ତାକୁ ସାହାଯ୍ୟ କରିବା ପାଇଁ ଆସିଗଲେ । ଏହି ଅବଧିରେ ମୁଯାଆ ବିନ୍ ମୁରାଦାଃ ଗୋଟିଏ ଗୋଷ୍ଠି ସହିତ ବାହାରକୁ ବାହାରିଲା, ମୁସଲ୍ମାନମାନେ ତାକୁ ଓ ତା ସାଥିମାନଙ୍କୁ ଧରି ପକାଇଲେ । ହଜରତ ଖାଲିଦ୍ ର:ଅ ତା ସାଥିମାନଙ୍କୁ ହତ୍ୟା କଲେ ଓ ମୁଯାଅକୁ ଜୀବିତ ରଖିଲେ । ଏମାନେ ଯୁଦ୍ଧ କରିବା ପାଇଁ ବାହାରିଥିଲେ । କାରଣ କବିଲା ବନୁ ହନିଫାରେ ତାର ବହୁତ ମାନ ସମ୍ମାନ ଥିଲା । ତେଣୁ ତାର ଲିଡ଼ରକୁ ମାରିଲେ ନାହିଁ, ବନ୍ଦୀ କରିନେଲେ । ମୁସ୍ଲେମାର ପୁଅ ଶୁର୍ହିବିଲ୍ ବନୁ ହନିଫାକୁ ଉତେଜିତ କରି କହିଲଶ ଯେ ଆଜି ନିଜର ସ୍ୱାଭିମାନ ଦେଖାଇବାକୁ ହେବ । ଯେବେ ତାକୁ ଧରାହେଲା, ମୁସଲେମାର ପୁଅ ତା କବିଲାକୁ ଉସୁକାଇଲା ଯେ ଯଦି ଆଜି ତୁମେମାନେ ହାରିଗଲ ତେବେ ତୁମମାନଙ୍କର ସ୍ତ୍ରୀମାନଙ୍କୁ ଦାସୀ କରିଦିଆଯିବ । ସେମାନଙ୍କୁ ବିନା ବିବାହରେ ବ୍ୟବହାର କରାଯିବ । ତେଣୁ ତୁମେମାନେ ଆଜି ନିଜ ଇଜ୍ଜତ ଓ ସମ୍ମାନର ସୁରକ୍ଷା ନିମନ୍ତେ ସାହାସର ସହିତ ଯୁଦ୍ଧ କର ଓ ନିଜ ମହିଳାମାନଙ୍କର ସୁରକ୍ଷା କର । ସେ ଯାହା ହେଉ ଯୁଦ୍ଧ ଆରମ୍ଭ ହେଲା । ମୁହାଜିରମାନଙ୍କ ଧ୍ୱଜାକୁ ହଜରତ ସାଲିମ୍ ମୌଲା ଅବୁ ହୁଜୈଫା ର:ଅଙ୍କ ନିକଟରେ ଥିଲା ଯେବେ କି ତା ପୂର୍ବରୁ ସେହି ଧ୍ୱଜାଟଇ ଅବ୍ଦୁଲ୍ଲାଃ ବିନ୍ ହଫସ ର:ଅଙ୍କ ନିକଟରେ ଥିଲା କିନ୍ତୁ ସେ ଶହୀଦ ହୋଇଯାଇଥିଲେ । ଅନ୍ସାରଙ୍କ ଧ୍ୱଜାକୁ ହଜରତ ସାବିତ୍ ବିନ୍ କୈସ୍ ର:ଅ ଧରିଥିଲେ । ଭୀଷଣ ଯୁଦ୍ଧ ଚାଲିଲା । ଯୁଦ୍ଧ ଏତେ ଭୟଙ୍କର ଥିଲା ଯେ ମୁସଲମାନମାନେ ଏହା ପୂର୍ବରୁ ଏପରି ଯୁଦ୍ଧର ସମ୍ମୁଖୀନ ହୋଇନଥିଲେ । ଏହି ଯୁଦ୍ଧରେ ମୁସଲମାନମାନେ ପଛଘୁଂଚା ଦେଲେ ଫଳତ ବନୁ ହନିଫାର ଲୋକମାନେ ମୁଯାଅଙ୍କୁ ମୁକୁଳାଇବା ପାଇଁ ଆଗକୁ ବଢ଼ିଲେ, ଯାହାଙ୍କୁ ହଜରତ ଖାଲିଦ୍ ର:ଅ ବନ୍ଦୀ କରିଥିଲେ । ସେମାନେ ହଜରତ ଖାଲିଦ୍ ର:ଅଙ୍କ ଶିବୀର ଆଡ଼କୁ ଗଲେ । ସେ ସମୟରେ ହଜରତ ଖାଲିଦଙ୍କ ପତ୍ନୀ ଖିମା (ଶିବୀର) ଭିତରେ ଥିଲେ । ସେହି ଲୋକମାନେ ହଜରତ ଖାଲିଦ୍ ର:ଅଙ୍କ ପତ୍ନୀଙ୍କୁ ହତ୍ୟା କରିବାକୁ ଚାହିଁଲେ, ଏହା ଦେଖି ମୁଯାଅ କହିଲା ଯେ ମୁଁ ତାଙ୍କୁ ଶରଣ ଦେଇଛି । ତାଙ୍କୁ ହତ୍ୟା କରିବାରୁ ରୋକିଦେଲେ । ମୁଯାଅ ସେମାନଙ୍କୁ ପୁରୁଷଙ୍କ ଉପରେ ଆକ୍ରମଣ କରିବାକୁ କହିଲା । ସେ ଖିମାକୁ କାଟି ଚାଲିଗଲେ । ଯୁଦ୍ଧ ପୁଣି ଭୀଷଣ ହେଲା ଓ ବନୁ ହନିଫାର ସବୁ କବିଲା ମିଶି ଆକ୍ରମଣ କଲେ । ସେଦିନ କେତେବେଳେ ମୁସଲମାନମାନଙ୍କ ପଲା ଭାରି ରହୁଥିଲା ତ ଆଉ କେତେବେଳେ କାଫିର୍ମାନଙ୍କ ପଲା ଭାରି ରହୁଥିଲା । (ଅର୍ଥାତ କେତେବେଳେ ମୁସଲମାନ ଜିତୁଥିଲେ ତ କେତେବେଳେ କାଫିର୍) ଏହି ଯୁଦ୍ଧରେ ହଜରତ ସାଲିମ୍ ର:ଅ, ହଜରତ ଅବୁ ହୁଜୈଫା ର:ଅ ଓ ହଜରତ ଜୈଦ୍ ବିନ୍ ଖଦାବ୍ ର:ଅକ ଭଳି ମହାମାନ୍ୟ ସାହାବାମାନେ ଶହୀଦ୍ ହୋଇଥିଲେ ।

ହଜରତ ଖାଲିଦ୍ ର:ଅ ଯେତେବେଳେ ମୁସଲମାନମାନଙ୍କ ଏପରି ଅବସ୍ଥା ଦେଖିଲେ, ସେ ସବୁ କବିଲାକୁ ଅଲଗା ଅଲଗା ହେବା ପାଇଁ ନିର୍ଦ୍ଦେଶ ଦେଲେ ଯଦ୍ୱାରା ସମସ୍ତଙ୍କର ଅସୁବିଧାକୁ ଆକଳନ କରାଯାଇପାରିବ ଓ ଜଣାଯାଇପାରିବ ଯେ କେଉଁଠି ମୁସଲମାନମାନଙ୍କ ଉପରେ ଆକ୍ରମଣ ହେଉଛି । ଏହିପରି ଯୁଦ୍ଧକ୍ଷେତ୍ରରେ ଧାଡ଼ି ଗୁଡ଼ିକୁ ଅଲଗା କରିବାରେ ମସୁଲମାନମାନେ ଆପୋଷରେ କଥାବାର୍ତା ହେଲେ ଯେ ଆଜି ଆମେ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିଥିବାରୁ ବହୁତ ଲଜ୍ଜିତ । ମୁସଲମାନମାନଙ୍କ ପାଇଁ ଏହାଠାରୁ ବଳି ଦୁଃଖ ଆଉ ନଥିଲା । ମୁସ୍ଲେମା କଜ୍ଜାବ୍ ଏ ପର୍ଯ୍ୟନ୍ତ ନିଜ ସ୍ଥାନରେ ପ୍ରତିଷ୍ଠିତ ଥିଲା ଓ କାଫିରମାନଙ୍କ ତରଫରୁ ଯୁଦ୍ଧର କେନ୍ଦ୍ରବିନ୍ଦୁ ଥିଲା । ହଜରତ ଖାଲିଦ୍ ର:ଅ ଖୁବ୍ ଭଲଭାବେ ଜାଣିଗଲେ ଯେ ଯେ ପର୍ଯ୍ୟନ୍ତ ମୁସ୍ଲେମା କଜ୍ଜାବ୍କୁ ହତ୍ୟା ନ କରାଯାଉଛି ସେ ପର୍ଯ୍ୟନ୍ତ ଏ ଯୁଦ୍ଧ ବନ୍ଦ ହେବ ନାହିଁ । ତେଣୁ ହଜରତ ଖାଲିଦ୍ ଆଗକୁ ବଢ଼ିଲେ ଓ ଯୁଦ୍ଧର ସ୍ଲୋଗାନ୍ ଦେଇ ତାଙ୍କ ସହିତ ଯୁଦ୍ଧର ମୁକାବିଲା ପାଇଁ ଆହ୍ୱାନ ଦେଲେ, ସେ ସମୟରେ ସ୍ଲୋଗାନ୍ ଆ ମୁହମ୍ମଦାଃ ଥିଲା । ତେଣୁ ଯିଏ ତାଙ୍କ ସମ୍ମୁଖକୁ ଯୁଦ୍ଧ କରିବା ପାଇଁ ଆସିଲା ଯେ ମଲା । ଏହା ଦେଖି ମୁସଲମାନମାନେ ସାହାସ ବାନ୍ଧିଲେ । ପୁଣି ହଜରତ ଖାଲିଦ୍ ର:ଅ ମୁସ୍ଲେମାକୁ ଆହ୍ୱାନ ଦେଲେ, ସେ ସାମନାକୁ ଆସିଲା ନାହିଁ, ପଳାୟନ କଲା । ନିଜ ସାଥିମାନଙ୍କ ସହିତ ନିଜ ବଗିଚା ଭିତରେ ପଶି ଶରଣ ନେଲା । ବଗିଚାର ଫାଟକକୁ ବନ୍ଦ କରିଦେଲା । ମୁସଲମାନମାନେ ସେହି ବଗିଚାକୁ ଘେରି ରହିଲେ । ହଜରତ ବରାଅ ବିନ୍ ମାଲିକ ର:ଅ କହିଲେ ଯେ ହେ ମୁସଲମାନମାନେ ! ତୁମେ ମତେ ବଗିଚାର କାନ୍ଥ ସେପଟକୁ ପାର କରିଦିଅ । ସେ ବହୁତ ସାହାସୀ ଓ ବାହାଦୁର ବ୍ୟକ୍ତି ଥିଲେ । ଏହା ଶୁଣି ମୁସଲମାନମାନେ କହିଲେ ଯେ ଆମେ ଏପରି କରିପାରିବୁ ନାହିଁ । କିନ୍ତୁ ହଜରତ ବରାଅ ର:ଅ ମାନିଲେ ନାହିଁ ଏବଂ ଜିଦି କଲେ ଯେ ତୁମେମାନେ କେମିତି ହେଉ ପଛକେ ମତେ ବଗିଚା ଭିତରକୁ ଛାଡ଼ିଦିଅ । ସୁତରାଂ ମୁସଲମାନମାନେ ତାଙ୍କୁ ବଗିଚାର ପାଚେରୀ ଉପରେ ଚଢ଼ାଇଦେଲେ, ସେ ପାଚେରୀ ଉପରୁ ଶତୃଙ୍କ ଉପରକୁ ଡ଼େଇଁପଡ଼ିଲେ । ଅର୍ଥାତ ବଗିଚା ଭିତରକୁ ପ୍ରବେଶ କଲେ । ଭିତରକୁ ଯାଇଁ ସେ ଫାଟକକୁ ଖୋଲିଦେଲେ ଫଳତ ମୁସଲମାନମାନେ ବଗିଚା ଭିତରକୁ ପଶିଆସିଲେ । ସେଠାରେ ପୁଣି ଭୀଷଣ ଯୁଦ୍ଧ ଚାଲିଲା । ୱହଶି ମୁସ୍ଲେମାକୁ ହତ୍ୟା କଲା । ଓହ୍ଶି ହେଉଛି ସେହି ବ୍ୟକ୍ତି ଯିଏ ଆଁ ହଜରତ ସ:ଆ:ସଙ୍କ ଚାଚା ହଜରତ ହମ୍ଜାଃ ର:ଅଙ୍କୁ ଶହୀଦ୍ କରିଥିଲା । ସେ ଯାହା ହେଉ ଗୋଟିଏ ରିଓ୍ୱାୟତ ମୁତାବକ ୱହ୍ଶି ଏବଂ ଜଣେ ଅନ୍ସାରୀ ମିଶି ଦୁଇଜଣଯାକ ମୁସ୍ଲେମା କଜ୍ଜାବ୍କୁ ହତ୍ୟା କରିଥିଲେ । ୱହ୍ଶି ନିଜର ଭାଲି (କନ୍ତ)କୁ ମୁସ୍ଲେମା ଉପରକୁ ଅର୍ଥାତ ମୁସ୍ଲେମା କଜ୍ଜାବକୁ ଆକ୍ରମଣ କଲେ । ଦୁଇଜଣଯାକ ଏକ ସମୟରେ ତା ଉପରକୁ ଆକ୍ରମଣ କରିଥିଲେ । ସେଥିଯୋଗୁ ଆମ ମଧ୍ୟରୁ କାହାର ପ୍ରହାର ଦ୍ୱାରା ସେ ଶେଷ ହୋଇଛି । ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଜଣେ ବ୍ୟକ୍ତି ଚିତ୍କାର କରି ଏହି ଘୋଷଣା କଲା ଯେ ମୁସ୍ଲେମାକୁ କଳା ଦାସ (ଅର୍ଥାତ କଳାରଙ୍ଗର ଗୁଲାମ୍) ହତ୍ୟା କରିଦେଇଛଇ । ତେଣୁ ଏକଥା ଅଧିକା ସମ୍ଭବ ଯେ ୱହ୍ଶି ହତ୍ୟା କରିଛି । ହଜରତ ଖାଲିଦ୍ ର:ଅ ମୁଜାଆଙ୍କ ଜରିଆରେ ମୁସ୍ଲେମା କଜ୍ଜାବର ଲାଶ୍କୁ ଚିହ୍ନିତ କଲେ ।

ମୁଜାଆ ର:ଅ ହଜରତ ଖାଲିଦ୍ ର:ଅଙ୍କୁ କହିଲେ ଯେ ମୁସଲମାନମାନଙ୍କ ବିରୋଧରେ ଯୁଦ୍ଧ କରିବାକୁ ଆସିଥିବା ଲୋକମାନେ ଆତୁର ଓ ଅନୁଭବ ହୀନ ଥିଲେ । (କିନ୍ତୁ) ଏହି କଲାଟି ଅନୁଭବ ଲୋକମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଅର୍ଥାତ ଅୁନଭବି ସେନା ଆ ଭିତରେ ଭରି ରହିଛନ୍ତି, ତେଣୁ ତାଙ୍କ ତରଫରୁ ମୋ ସହିତ ସନ୍ଧି କରିନିଅ । ଯଦି ଏମେ ଯୁଦ୍ଧ କରିବ ତେବେ ମୁସଲମାନମାନଙ୍କ ବହୁତ କ୍ଷତି ହେବ । ହଜୁର କହୁଛନ୍ତି ସେ ଏକ ବଡ଼ ଚକ୍ରାନ୍ତ କଲା । ହଜରତ ଖାଲିଦ୍ ମୁଯାଅ ସହିତ ଏହି ସର୍ତାବଳୀକୁ ରଖି ସନ୍ଧି କଲେ ଯେ କେବଳ

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

‘‘ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ’ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।’’

*(ମଲ୍ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ଜୀବନକୁ କ୍ଷମା କରିଦିଆଯିବ, ତୁମକୁ ଛାଡ଼ି ଦିଆଯିବ, କିଛି କୁହାଯିବ ନାହିଁ । ବନ୍ଦୀ କରାଯିବ ନାହିଁ । ଏତଦ୍ ବ୍ୟତିତ ବାକି ସବୁ ଜିନିଷ ଉପରେ ମୁସଲମାନ କବ୍ଜା କରିବେ ।

ମୁଜାଅ ହୁଶିଆର ମଣିଷ ଥିଲା, ସେ କହିଲା ଯେ ମୁଁ କିଲ୍ଲାର ଲୋକମାନଙ୍କ ନିକଟକୁ ଯାଉଛି ଓ ତାଙ୍କ ସହିତ ପରାମର୍ଶ କରି ଆସିବି । ମୁସ୍‌ଲେମା କଜାବ ତ ହତ୍ୟା ହୋଇସାରିଥିଲା । ତେଣୁ ସେମାନଙ୍କ ଶକ୍ତିଭଙ୍ଗ ହୋଇଯାଇଥିଲା କିନ୍ତୁ ଏହା ସତ୍ୱେ ମଧ ତାର ହୁଶିଆରି / ଚାଲାକି ପୁଣି ସେହି କାଫିର୍‌ମାନଙ୍କୁ ସାହାଯ୍ୟ କଲା । ମୁଯାଅ ଯେତେବେଳେ କିଲ୍ଲାରେ ପହଂଚିଲା ସେଠାରେ ମହିଳା, ଛୋଟିପିଲା, ବୁଢ଼ାବୁଢ଼ି ଓ ଦୃବଳ ଲୋକମାନଙ୍କ ବ୍ୟତିତ ଆଉ କେହି ନଥିଲେ । ସେ ଚତୁରତାର ସହ ମହିଳାମାନଙ୍କୁ ଯୁଦ୍ଧ କବଚ ପିନ୍ଧାଇଦେଲା ଓ ସେମାନଙ୍କୁ କହିଲା ଯେ ମୋ ଫେରିବା ପର୍ଯ୍ୟନ୍ତ ତୁମେମାନେ କିଲ୍ଲାର ପ୍ରାଚୀର ଉପରେ ଯାଇ ଛିଡ଼ା ହୋଇ ରୁହ ଓ ଯୁଦ୍ଧଶୈଳୀକୁ ପରିବେଷଣ କରୁଥାଅ । ତା'ପରେ ସେ ହଜରତ ଖାଲିଦ୍ ର:ଅଙ୍କ ନିକଟକୁ ଆସି କହିଲା ଯେ ଯେଉଁ ସର୍ତରେ ମୁଁ ତୁମ ସହିତ ସନ୍ଧି କରିଥିଲି ତାକୁ କିଲ୍ଲାର ଅଧିବାସୀ ମାନୁ ନାହାନ୍ତି ଅର୍ଥାତ ଯେଉଁ ସର୍ତ ରଖାଯାଇଥିଲା କି ଜୀବନରକ୍ଷା କରିଦିଆଯିବ ଓ ବାକି ସବୁ ଧନ ସମ୍ପତି ମୁସଲମାନଙ୍କର ହୋଇଯିବ । ସେମାନଙ୍କ ମଧ୍ୟରୁ କିଛି ଲୋକ ଅସ୍ୱୀକାରକୁ ପ୍ରକାଶ କରିବା ପାଇଁ ପ୍ରାଚୀର ଉପରେ ଅଛନ୍ତି । ମୁଁ ସେମାନଙ୍କର ଦାୟିତ୍ୱ ନେଇପାରିବି ନାହିଁ । ସେମାନେ ମୋ ଆୟତର ବହିର୍ଭୁତ ଅଛନ୍ତି । ହଜରତ ଖାଲିଦ୍ ର:ଅ ଯେତେବେଳେ କିଲ୍ଲା ଉପରକୁ ଦେଖିଲେ, ସେଠାରେ ସିପାହୀମାନେ ବହୁଳ ମାତ୍ରାରେ ଉପସ୍ଥିତ ଥିବାର ପାଇଲେ । ମହିଳାମାନେ ସିପାହୀମାନଙ୍କ ବସ୍ତ ପରିଧାନ କରି ସେଠାରେ ଛିଡ଼ା ହୋଇଥିଲେ । ଏହି ଯୁଦ୍ଧରେ ମୁସଲମାନମାନଙ୍କର ବହୁତ କ୍ଷତି ହୋଇଥିଲା, ଯୁଦ୍ଧ ବହୁତ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିଥିଲା, ମୁସଲମାନମାନେ ଯଥା ଶିଘ୍ର ବିଜୟପ୍ରାପ୍ତ କରି ଫେରି ଯିବାକୁ ଚାହୁଁଥିଲେ, ସୁତରାଂ ହଜରତ ଖାଲିଦ୍ ର:ଅ ମୁଜାଅ ସହିତ ଏ ସର୍ତରଖି ସନ୍ଧି କରିଲେ ଯେ ସମସ୍ତ ସୁନା, ରୂପା, ପଶୁ ଏବଂ ଅଧା କ୍ରିତଦାସ ଓ କ୍ରୀତଦାସୀଙ୍କୁ ହଜରତ ଖାଲିଦ୍ ର:ଅଙ୍କ କବ୍ଜାରେ ଦେଇ ଦିଆଯିବ । ଆଉ ଏକ ରିଓ୍ୱାୟତ ମୁତାବକ ଏକ ଚତୁର୍ଥାଂଶ ବଳୀମାନଙ୍କ ସହିତ ସନ୍ଧି କରିନେଲେ ।

ଏହି ଯୁଦ୍ଧରେ ମୁସଲମାନମାନଙ୍କ ପକ୍ଷରୁ ମଦିନାର ମୁହାଜିର୍ ଏବଂ ଅନ୍‌ସାରମାନଙ୍କ ମଧ୍ୟରୁ ୩୬୦ ଏବଂ ମଦିନା ବ୍ୟତିତ ବାହାରୁ ଆସିଥିବା ଆଉ ତିନି ଶହ ମୁହାଜିର ଶହୀଦ୍ ହୋଇଥିଲେ ଯେବେ କି ବନୁ ହନିଫାରୁ ଅକ୍‌ରବାର ଯୁଦ୍ଧ କ୍ଷେତ୍ରରେ ସାତ ହଜାର ଏବଂ ବଗିଚା ଭିତରେ ସାତ ହଜାର ଏବଂ ଯୁଦ୍ଧକ୍ଷେତ୍ର ଛାଡ଼ି ପଳାୟନ କରୁଥିବା ଲୋକମାନଙ୍କୁ ଅନୁଧାବନ କରି ମଧ ଆଉ ସାତ ହଜାର କୁଫାର (ଅର୍ଥାତ ଅମାନ୍ୟକାରୀ)କୁ ହତ୍ୟା କରାଗଲା । ଯେତେବେଳେ ଏହି ସେନା ମଦିନାରେ ପହଂଚିଲା, ସେତେବେଳେ ହଜରତ ଉମର ର:ଅ ତାଙ୍କ ପୁତ୍ର ହଜରତ ଅବଦୁଲ୍ଲାଃ ର:ଅଙ୍କୁ କହିଲେ ଯେ ତୁମେ ଜୈଦ୍‌ଙ୍କ ପୂର୍ବରୁ କାହିଁକି ଶହୀଦ୍ ହେଲନାହିଁ । ଜୈଦ୍ ର:ଅ ଶହୀଦ୍ ହୋଇଗଲେ ଯେବେ କି ତୁମେ ଏବେ ମଧ ଜୀବିତ ଅଛ । ତୁମେ କାହିଁକି ତୁମର ଚେହେରା ମତେ ଦେଖାଇଲ । ଏଥିରେ ହଜରତ ଅବଦୁଲ୍ଲାଃ ର:ଅ କହିଲେ ଯେ ହଜରତ ଜୈଦ୍ ର:ଅ ଅଲ୍ଲାଃଙ୍କଠାରୁ ଶହୀଦ ହେବା ପାଇଁ ଦୁଆ କଲେ । ଅଲ୍ଲାଃ ତାଙ୍କୁ ତାହା ପ୍ରଦାନ କଲେ । ମୁଁ ତାହା ପାଇବା ପାଇଁ ଚେଷ୍ଟା କଲି କିନ୍ତୁ ମତେ ତାହା ମିଳିଲା ନାହିଁ । ସେ ଯାହା ହେଉ ସେହି ବର୍ଷ ୟମାମା ଯୁଦ୍ଧରେ ସାହାବାମାନଙ୍କର ବହୁତ ସଦସ୍ୟ ଶହୀଦ ହେବା ପରେ ହଜରତ ଅବୁ ବକର୍ ର:ଅ ତଦ୍‌ୱିନ୍ କୁର୍‌ଆନ୍ (ଅର୍ଥାତ ପବିତ୍ର କୋରାନକୁ ସଙ୍କଳନ କରିବାର କାର୍ଯ୍ୟ) ସମ୍ପାଦନ କରିବା ନିମନ୍ତେ ନିର୍ଦ୍ଦେଶ ଦେଲେ ଏହା ଦ୍ୱାରା ପବିତ୍ର କୋରାନ୍ କେଉଁଠି ନଷ୍ଟ ହୋଇପାରିବ ନାହିଁ । ତାହାକୁ ଏକତ୍ରୀତ କରାଗଲା । ଏହା ୟମାମା ଯୁଦ୍ଧର ବିବରଣୀ ଥିଲା ।

*(ଉଦ୍ଧୃତ ପୁସ୍ତକ ଅଲ୍‌କାମିଲ୍ ଫିତ୍ ତାରିଖ୍ ଖଣ୍ଡ-୨, ପୃ-୨୧୮ ରୁ ୨୨୪)*

*(ତାରିଖୁଲ୍ ତିବ୍‌ରି ଖଣ୍ଡ-୩, ପୃ-୩୦୦ ରୁ ୩୧୦...... ଦାରୁଲ୍ ଫିକ୍‌ର ବେରୁତ ୨୦୦୨)*

*(ତାରିଖ ଇବ୍‌ନେ ଖୁଲ୍‌ଦୁନ୍ ଅନୁବାଦକ ଅଲ୍ଲାମାଃ ହକିମ୍ ଅହ୍‌ମଦ୍ ହୁସୈନ୍ ଆଲାବାଦୀ, ଖଣ୍ଡ-୩, ପ୍ରଥମ ଭାଗ ପୃ-୨୩୧ ଦାରୁଲ୍ ଇଶାଅତ୍ କରାଚି ୨୦୦୩)*

ଏବେ ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ । ତାଙ୍କ ନାମ ଥିଲା ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଓ ତାଙ୍କ କୁନିୟତ ଥିଲା ଅବୁ ମୁହମ୍ମଦ୍ । ସେ ବନୁ ଆମିର୍ ବିନ୍ ଲୁଓ୍ୱି କବିଲାର ଥିଲେ । ତାଙ୍କୁ ଅବଦୁଲ୍ଲାଃ ଅକ୍‌ବର୍ ମଧ କୁହାଯାଉଥିଲା । ସେ ପ୍ରାରମ୍ଭରୁ ଇସ୍‌ଲାମ୍ ଗ୍ରହଣ କରିଥା ସାହାବା ମାନଙ୍କ ମଧ୍ୟରୁ ଥିଲେ । ତାଙ୍କ ବାପାଙ୍କ ନାମ ମଖ୍‌ରମାଃ ବିନ୍ ଅବଦୁଲ୍ ଉଜ୍ଜା ଏବଂ ମାଆଙ୍କ ନାମ ବହ୍‌ନାନା ବିନ୍ତ ସଫ୍‌ୱାନ୍ ଥିଲା । ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅଙ୍କ ସନ୍ତାନମାନଙ୍କ ମଧ୍ୟରୁ ଜଣେ ପୁତ୍ରଙ୍କ ନାମ ମସାହିକ୍ ବୋଲି ଉଲ୍ଲେଖ ଅଛି ଯିଏ ତାଙ୍କ ସ୍ତ୍ରୀ ଜୈନବ୍ ବିନ୍ତ ସୁରାକାଃଙ୍କ ଗର୍ଭରୁ ଜାତ ।

ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ପ୍ରାଥମିକ ମୁସଲମାନ ଗ୍ରହଣକାରୀଙ୍କ ମଧ୍ୟରୁ ଜଣେ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଦୁଇଟି ହିଜ୍‌ରତ୍ କରିବାର ସୌଭାଗ୍ୟ ମିଳିଛି । ଗୋଟିଏ ହବ୍‌ଶା ଆଡ଼କୁ ଏବଂ ଦ୍ୱିତୀୟଟି ମଦିନାକୁ ହିଜ୍‌ରତ୍ କରିଥିଲେ । ଇବ୍‌ନେ ଇସ୍‌ହାକଙ୍କ ବର୍ଣ୍ଣନା ଅନୁସାରେ ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ସେହି ସମସ୍ତ ସାହାବାମାନଙ୍କ ସହିତ ହିଜ୍‌ରତ୍ କରିଥିଲେ ଯେଉଁମାନେ ହଜରତ ଯାଫର ର:ଅଙ୍କ ସହିତ ହବ୍‌ଶା ଦେଶକୁ ହିଜ୍‌ରତ୍ କରି ଚାଲିଯାଇଥିଲେ । ୟୁନୁସ୍ ବିନ୍ ବୁକୈର୍ ସଲ୍‌ମା ଏବଂ ବୁକାର, ଏମାନେ ସମସ୍ତେ ଇବ୍‌ନେ ଇସ୍‌ହାକଙ୍କ ଉକ୍ତ କଥନକୁ ବର୍ଣ୍ଣନା କରିଛନ୍ତି, ଯେଉଁଥିରେ ସେ ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅଙ୍କ ର ହବ୍‌ଶା ଆଡ଼କୁ ହିଜରତ କରିବା ସମ୍ୱନ୍ଧରେ ଚର୍ଚ୍ଚା କରିଛନ୍ତି । ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଯେତେବେଳେ ହିଜରତ କରି ମଦିନାରେ ପହଂଚିଲେ, ସେଠାରେ ସେ ହଜରତ କୁଲ୍‌ସୁମ୍ ବିନ୍ ହିଦ୍‌ମ୍ ର:ଅଙ୍କ ଘରେ ରହିଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅଙ୍କ ମୁଆଖାତ୍ ହଜରତ ଫରଓ୍ୱା ବିନ୍ ଅମ୍‌ରୋ ଅନ୍‌ସାରୀ ର:ଅଙ୍କ ସହିତ କରାଇଲେ । ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ବଦର ଯୁଦ୍ଧ ସମେତ ପରେ ଅନୁଷ୍ଠିତ ହୋଇଥିବା ସମସ୍ତ ଯୁଦ୍ଧରେ ସାମିଲ ହୋଇଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଯେବେ ବଦର ଯୁଦ୍ଧରେ ସାମିଲ ହେଲେ ସେତେବେଳେ ତାଙ୍କର ବୟସ ତିରିଶି ବର୍ଷ ହୋଇଥିଲା । ହଜରତ ଅବୁ ବକର୍ ସିଦ୍ଦିକଙ୍କ ଖିଲାଫତ୍ ସମୟରେ ଯେବେ ସେ ୟମାମା ଯୁଦ୍ଧରେ ଶହୀଦ୍ ହେଲେ, ସେତେବେଳେ ତାଙ୍କର ବୟସ ଥିଲା ଏକଚାଳିଶି (୪୧) । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୦୮ ରୁ ୩୦୯ "ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ"....... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସ୍‌ଦୁଲ ଗାବାଃ.........ଖଣ୍ଡ-୩, ପୃ-୩୭୭-୩୭୮..........ବେରୁତ...୨୦୦୮)*

ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅଙ୍କ ମଧ୍ୟରେ ଶହୀଦ ହେବାର ଅଭିଳାଷା ବହୁମାତ୍ରାରେ ଭରି ରହିଥିଲା । ସୁତରାଂ ସେ ଅଲ୍ଲାଃ ତାଲାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ଯେ ମତେ ସେ ପର୍ଯ୍ୟନ୍ତ ମୃତ୍ୟୁ ଦିଅନାହିଁ ଯେ ପର୍ଯ୍ୟନ୍ତ ମୁଁ ନିଜ ଶରୀରର ପ୍ରତ୍ୟେକ ଅଂଶରେ , ଖୁଦାଙ୍କ ମାର୍ଗରେ ଯାଇ କ୍ଷତ ନ ଦେଖିଛି । ସୁତରାଂ ୟମାମା ଯୁଦ୍ଧରେ ତାଙ୍କ ଗଣ୍ଠିରେ ଆଘାତ ହେବାଯୋଗୁଁ ସେ ଶହୀଦ୍ ହେଲେ ।

ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ବହୁତ ଉପାସନା କରୁଥିଲେ । ଯୁବାବସ୍ଥାରେ ମଧ ବହୁତ ଇବାଦତ୍ କରୁଥିଲେ । ହଜରତ ଇବ୍‌ନେ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ୟମାମା ଯୁଦ୍ଧ ବର୍ଷ ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଏବଂ ହଜରତ ଅବୁ ହୁଜେଫାଃ ର:ଅଙ୍କ ସ୍ୱାଧିନପ୍ରାପ୍ତ ଗୁଲାମ୍ ହଜରତ ସାଲିମ୍ ର:ଅ ଏକା ସାଥିରେ ଥିଲେ । ଆମେ ତିନିଜଣଯାକ ଜଣ ଜଣ ହୋଇ ଛେଳି ଚରାଉଥିଲୁ । ସେନାମାନଙ୍କ ନିମନ୍ତେ କିଛି ମାଲ୍ ମଧ ଥିଲା, ସେ ସବୁର ଦେଖଭାଲ କରିବାକୁ ପଡୁଥିଲା । ସୁତରାଂ ଯେଉଁ ଦିନ ଯୁଦ୍ଧ ଆରମ୍ଭ ହେଲା, ସେହିଦିନ ମୋତେ ଛେଳି ଚରାଇବାର ପାଳି ଥିଲା । ତେଣୁ ମୁଁ ଛେଳି ଚରାଇ ଆସି ଦେଖିଲି ଯେ ହଜରତ ଅବଦୁଲ୍ଲାଃ ବିନ୍ ମଖ୍‌ରମାଃ ର:ଅ ଯୁଦ୍ଧ କ୍ଷେତ୍ରରେ କ୍ଷତାକ୍ତ ଅବସ୍ଥାରେ ତଳେ ପଡ଼ିଥିଲେ, ତେଣୁ ମୁଁ ତାଙ୍କ ପାଖରେ ରହିଗଲି । ସେ ମତେ କହିଲେ ହେ ଅବଦୁଲ୍ଲାଃ ବିନ୍ ଉମର ର:ଅ । କ'ଣ ରୋଜାଦାରମାନେ ଇଫତାରି କରିସାରିଲେଣି ? ସଂନ୍ଧ୍ୟା ସମୟ ହୋଇଥିଲା, ମୁଁ ଉତରରେ କହିଲି ହଁ । ସେ ମତେ କହିଲେ ଏହି ଢ଼ାଲରେ କିଛି ପାଣି ଦେଇଦିଅ, ତାହାଦ୍ୱାରା ମୁଁ ଇଫତାରି କରିବି । ସେ ଯୁଦ୍ଧ ସମୟରେ ମଧ ରୋଜ ରଖି ଲଢୁଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ କହୁଛନ୍ତି ଯେ ମୁଁ ପାଣି ଆଣିବା ପାଇଁ ଚାଲିଗଲି, କିନ୍ତୁ ମୁଁ ଯେତେବେଳେ ପାଣି ଧରି ଫେରିଲି, ସେତେବେଳକୁ ସେ ମୃତ୍ୟୁ ବରଣ କରିସାରିଥିଲେ । *(ଉସ୍‌ଦୁଲ୍ ଗାବାଃ..... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮) (ସିରସ୍ ସାହାବାଃ ଖଣ୍ଡ-୨, ପୃ-୫୭୦....... ଦାରୁଲ୍ ଇଶାଅତ୍ କରାଚି)*

ଏବେ ଯେଉଁ ସାହାବୀଙ୍କର ଏଠାରେ ଗୁଣ ବର୍ଣ୍ଣନା କରାଯିବ ସେ ହେଉଛନ୍ତି ହଜରତ ଅମ୍‌ରୋ ବିନ୍ ମାବଦ୍ ର:ଅ । ହଜରତ ଅମ୍‌ରୋ ବିନ୍ ମାବଦ୍ ର:ଅଙ୍କ ନାମ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ୱନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଅମୀର୍ ବିନ୍ ମାବଦ୍ ର:ଅ ଥିଲା ବୋଲି ମଧ୍ୟ ବର୍ଣ୍ଣନା ଅଛି । ତାଙ୍କ ବାପାଙ୍କ ନାମ ମାବଦ୍ ବିନ୍ ଉଜ୍‌ଅର୍ ଥିଲା । ହଜରତ ଅମ୍‌ରୋ ବିନ୍ ମାବଦ୍ ର:ଅ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଅଓସ୍ ର ଶାଖା ବନୁ ଜୁବୈୟା ସହିତ ଥିଲା । *(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍ ପୃ-୪୬୫......... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧)*

ହଜରତ ଅମ୍‌ରୋ ବିନ୍ ମାବଦ୍ ର:ଅ ବଦର୍, ଉହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଗଜ୍‌ୱାତ (ଯୁଦ୍ଧରେ) ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ଥିଲେ । ହଜରତ ଅମ୍‌ରୋ ବିନ୍ ମାବଦ୍ ର:ଅ ହୁନୈନ୍ ଯୁଦ୍ଧ ଦିନ ସେହି ଶହେଜଣ ସାହାସି ସାହାବାମାନଙ୍କ ମଧ୍ୟରେ ଦୃଢ଼ତାର ସହିତ ଯୁଦ୍ଧ କରିଥିଲେ, ଯେଉଁମାନଙ୍କ ରିଜକ୍ (ଜୀବିକା) ର ଉତରଦାୟୀ ସ୍ୱଂୟ ଅଲ୍ଲାଃ ତାଲା ହୋଇଥିଲେ । *(ତବକାତୁଲ୍ କୁବ୍‌ରା...........ଖଣ୍ଡ-୩, ପୃ-୩୫୩........ ବେରୁତ ୨୦୧୨)* ଯେଉଁମାନେ ଆଁ ହଜରତ ସ:ଆ:ସଙ୍କ ସହିତ ଦୃଢ଼ପଦ ହୋଇ ଛିଡ଼ା ହୋଇଥିଲେ । ଗୋଟିଏ ରିୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ହଜରତ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ କହୁଛନ୍ତି ଯେ ହୁନୈନ୍ ଯୁଦ୍ଧ ଦିନ ଆମର ଅବସ୍ଥା ଏମିତି ଥିଲା ଯେ ମୁସଲମାନମାନଙ୍କର ଦୁଇଟି ଦଳ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଶହେଜଣ ଲୋକ ମଧ୍ୟ ନଥିଲେ । *(ସୁନନେ ତିର୍‌ମିଜି ଅବ୍‌ୱାବୁଲ୍ ଯିହାଦ୍....... ହଦିସ୍ ନଂ- ୧୬୮୯)*

ହୁନୈନ୍ ଯୁଦ୍ଧ ଅବସରରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଦୃଢ଼ପଦ ରହିଥିବା ସାହାବାମାନଙ୍କ ସମ୍ବନ୍ଧରେ ଭିନ୍ନଭିନ୍ନ ମତ ରହିଛି । ତାଙ୍କ ଅନୁସାରେ ଏପରି ସାହାବାମାନଙ୍କ ସଂଖ୍ୟା ଓ ଅଶି ଓ ଶହେ ମଧ୍ୟ ଥିଲା । *(ସୁବୁଲୁଲ୍ ହୁଦାୱର୍ ରଶାଦ୍ ଖଣ୍ଡ-୫, ପୃ-୪୮୪........ ଦାରେ ଅହ୍‌ୟା ....୧୯୯୨)*

କେତେକ କହନ୍ତି ଶହେ ଥିଲା, ସେ ଯାହା ହେଉ ସେମାନଙ୍କ ସଂଖ୍ୟା ବହୁତ କମ୍ ଥିଲା ।

ଏବେ ପୁଣି ମୁଁ ଯେଉଁ ସାହାବିଙ୍କ ସମ୍ବନ୍ଧରେ ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜରତ ନୋମାନ୍ ବିନ୍ ମାଲିକ ର:ଅ । ହଜରତ ନୋମାନ୍ ବିନ୍ ମାଲିକ୍ ର:ଅଙ୍କ ନାମ ନୋମାନ୍ ବିନ୍ କୌକଲ୍ ଭାବେ ମଧ୍ୟ ଉଲ୍ଲେଖ ଅଛି । ଇମାମ୍ ବୁଖାରୀ ତାଙ୍କ ନାମକୁ ଇବ୍‌ନେ କୌକଲ୍ ବର୍ଣ୍ଣନା କରିଛନ୍ତି । ଅଲ୍ଲାମା ବଦ୍‌ରୁଦ୍ଦିନ୍ ଅଇନି, ଯିଏ ଜଣେ ଜ୍ଞାନୀ ବ୍ୟକ୍ତି ଥିଲେ ସେ ବୁଖାରୀର ଶରହ୍ (ବ୍ୟାଖ୍ୟା)ରେ ଲେଖୁଛନ୍ତି ଯେ ଇବ୍‌ନେ କୌକଲ୍‌ର ସମ୍ପୁର୍ଣ୍ଣ ନାମ ନୋମାନ୍ ବିନ୍ ମାଲିକ୍ ବିନ୍ ସାଆଲବା ବିନ୍ ସ୍‌ରମ୍ ଥିଲା । ସାଆଲବା ଅଥବା ଅସ୍‌ରମ୍ ର ଉପାଧି କୌକଲ୍ ଥିଲା । ନୋମାନ୍ ତାଙ୍କ ଦାଦା (ଜେଜେ) ପ୍ରତି ସମ୍ବନ୍ଧିତ ଥିଲେ ସେଥିଯୋଗୁଁ ତାଙ୍କୁ ନୋମାନ୍ ବିନ୍ କୌକଲ୍ କୁହାଯାଉଥିଲା *(ସହି ବୁଖାରୀ କିତାବୁଲ୍ ଯିହାଦ୍...... ହଦିସ୍ ୨୮୨୭) (ଉମ୍‌ଦତୁଲ୍ କାରୀ ଖଣ୍ଡ-୧୪, ପୃ-୧୮୨-୧୮୩ କିତାବୁଲ୍ ଯିହାଦ୍......ବେରୁତ ୨୦୦୩)*

ହଜରତ ନୋମାନ୍ ବିନ୍ ମାଲିକ ର:ଅଙ୍କ ବାପାଙ୍କ ନାମ ମାଲିକ୍ ବିନ୍ ସାଆଲବା ଏବଂ ମାଆଙ୍କ ନାମ ଅମ୍‌ରାଃ ବିନ୍ତ ଜୟାଦ୍ ଥିଲା । ସେ ହଜରତ ମୁଯଜ୍ଜର୍ ବିନ୍ ଜୟାଦ ଥିଲା । ସେ ହଜରତ ମୁଜଜ୍ଜର୍ ବିନ୍ ଜୟାଦଙ୍କ ଭଉଣୀ ଥିଲେ । ହଜରତ ନୋମାନଙ୍କ ସମ୍ବନ୍ଧ ଅନ୍‌ସାରଙ୍କ କବିଲା ଖଜ୍‌ରଜ୍‌ର ଶାଖା ବନୁ ଗନମ୍ ସହିତ ଥିଲା । ଏହି କବିଲା କୌକଲ ନାମରେ ପ୍ରଶିଦ୍ଧ ଥିଲା । ଇବ୍‌ନେ ହୁଶାମଙ୍କ ଅନୁସାରେ ହଜରତ ନୋମାନ୍ ବିନ୍ ମାଲିକ ର:ଅ ନୋମାନ୍ କୌକଲ୍ ନାମେ ମଧ୍ୟ ପ୍ରସିଦ୍ଧ ଥିଲେ । ଇବ୍‌ନେ ହୁଶାମ୍ ତାଙ୍କ କବିଲାର ନାମ ବନୁ ଦାଆଦ୍ ବୋଲି ବର୍ଣ୍ଣନା କରିଛନ୍ତି । ସେ କୌକଲ୍ କାହିଁକି ବୋଲାଉଥିଲେ, ପୂର୍ବରୁ ମଧ୍ୟ ଏକ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି ଯେ ଯେବେ ମଦିନାରେ କୌଣସି ସରଦାରଙ୍କ ନିକଟରେ କୌଣସି ବ୍ୟକ୍ତି ଶରଣ ଭିକ୍ଷା କରେ, ତାଙ୍କୁ ଏ କଥା କୁହାଯାଉଥିଲା ଯେ ଏହି ପାହାଡ଼ ଉପରେ ମନ ଇଛାରେ ଚଢ଼ ଅର୍ଥାତ ଏବେ ତୁମେ ସୁରକ୍ଷିତ ଅଟେ । ଯେମିତି ଇଛା ସେମିତି ରୁହ । ତୁମେ ଏପରି ଅବସ୍ଥାରେ ଫେରିଯାଅ ଯେ ତୁମେ ଅସୁବିଧା ଅନୁଭବ କରୁନଥିବ । ଏବେ ତୁମେ କାହାରିକୁ ଭୟ କରିବ ନାହିଁ; ଯେଉଁ ଲୋକମାନେ ଶରଣ ଦେଉଥିଲେ, ସେମାନେ କୱାକିଲା ନାମରେ ପ୍ରଶିଦ୍ଧ ଥିଲେ । ଇତିହାସ ଲେଖିଥିବା ଇବ୍‌ନେ ହୁଶାମ୍ ଏକଥା ବର୍ଣ୍ଣନା କରିଛନ୍ତି ଯେ ଏହିପରି ସର୍ଦ୍ଦାର ଯେବେ କାହାକୁ ଶରଣ ଦେଇଥାନ୍ତି, ସେତେବେଳେ ତାଙ୍କୁ ଏକ ତୀର ଦେଇ କହିଥାନ୍ତି ଯେ ଏହି ତୀରକୁ ନେଇ ଏବେ ନିଜ ମନ ଇଛାରେ କେଉଁଆଡ଼େ ଯାଇପାର । ହଜରତ ନୋମାନଙ୍କ ଜେଜେ ସାଅଲବା ବିନ୍ ଦାଆଦ୍‌ଙ୍କୁ କୌକଲ୍ କୁହାଯାଇଥିଲା । ସେ ଶରଣ ପ୍ରଦାନକାରୀ ଥିଲେ । ସେହିପରି ଖଜ୍‌ରଜ୍‌ର ସର୍‌ଦାର ଗନମ୍ ବିନ୍ ଅଓଫ୍‌ଙ୍କୁ ମଧ୍ୟ କୌକଲ୍ କୁହାଯାଉଥିଲା । ସେହିପରି ହଜରତ ଅବାଦାଃ ବିନ୍ ସାମିତ ମଧ୍ୟ କୌକଲ୍ ନାମରେ ପ୍ରଶିଦ୍ଧ ଥିଲେ । ବନୁ ସାଲିମ୍, ବନୁ ଗନମ୍ ଏବଂ ବନୁ ଅଓଫ୍ ବିନ୍ ଖଜ୍‌ରଜ୍‌ଙ୍କୁ ମଧ୍ୟ କୱାକିଲା କୁହାଯାଉଥିଲା । ବନୁ ଅଓଫ୍‌ର ସର୍‌ଦାର୍ ହଜରତ ଅବାଦାଃ ବିନ୍ ସାମିତ ଥିଲେ ।

ହଜରତ ନୋମାନ୍ ବିନ୍ ମାଲିକ ର:ଅ ବଦର୍ ଏବଂ ଉହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ ଏବଂ ଉହଦ୍ ଯୁଦ୍ଧରେ ଶହୀଦ ହୋଇଥିଲେ । ତାଙ୍କୁ ସଫ୍‌ୱାନ୍ ବିନ୍ ଉମୈୟା ଶହୀଦ କରିଥିଲେ । ଆଉ ଏକ ରିୱାୟତ ମୁତାବକ ହଜରତ ନୁମାନ ବିନ୍ ମାଲିକ ର:ଅଙ୍କୁ ଅବାନ୍ ବିନ୍ ସଇଦ୍ ଶହୀଦ କରିଥିଲେ । ହଜରତ ନୋମାନ୍ ବିନ୍ ମାଲିକ ର:ଅ, ହଜରତ ମୁଯଜ୍ଜିର୍ ବିନ୍ ଜୟାଦ୍ ଏବଂ ହଜରତ ଅବାଦାଃ ବିନ୍ ହିସ୍‌ହାସଙ୍କୁ ଉହଦ୍ ଯୁଦ୍ଧ ଅବସରରେ ଗୋଟିଏ କବର୍ ମଧ୍ୟରେ ଦଫନ୍ କରାଯାଇଥିଲା । *(ତବକାତୁଲ୍ କୁବ୍‌ରା...........ଖଣ୍ଡ-୩, ପୃ-୪୧୪........ ବେରୁତ ୨୦୧୨) (ଉସଦୁଲ୍ ଗାବାଃ ଖଣ୍ଡ-୩, ପୃ-୧୫୮-୧୫୯............ ବେରୁତ ୨୦୦୮) (ସିରତୁନ ନବୱିୟା......... ପୃ-୫୬୦...... ବେରୁତ ୨୦୦୧) (ଉମ୍‌ଦତୁଲ୍ କାରୀ ଖଣ୍ଡ-୧୪, ପୃ-୧୮୨......... ବେରୁତ ୨୦୦୩)*

ହଜରତ ନୋମାନ୍ ବିନ୍ ମାଲିକ ର:ଅ ଉହଦ୍ ଯୁଦ୍ଧ ପାଇଁ ବାହାରିଲେ ଆଁ ହଜରତ ସ:ଆ:ସଙ୍କର ଅବଦୁଲ୍ଲାଃ ବିନ୍ ଉବୈ ସଲୁଲ ସହିତ ପରାମର୍ଶ ସମୟରେ ହଜରତ ନୋମାନ୍ ର:ଅ କହିଲେ ହେ ଖୁଦାଙ୍କ ରସୁଲ ! ଅଲ୍ଲାଃଙ୍କ ସୌଗନ୍ଧ ମୁଁ ନିଶ୍ଚିତ ରୂପେ ଜନ୍ନତ (ବୈକୁଣ୍ଠ)ରେ ପ୍ରବେଶ କରିବି । ଏହା ଶୁଣି ଆଁ ହଜରତ ସ:ଆ:ସ କହିଲେ ତାହା କିପରି ? ହଜରତ ନୋମାନ୍ କହିଲେ, ତାହା ଏଥିପାଇଁ କି ମୁଁ ସାକ୍ଷ୍ୟ ଦେଉଅଛି ଯେ ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ମାବୁନ୍ (ଉପାସନାର ଅଧିକାରୀ) ନାହାନ୍ତି ଏବଂ ଆପଣ ସ:ଆ:ସ ଅଲ୍ଲାଃଙ୍କ ରସୁଲ୍ ଅଟନ୍ତି । ମୁଁ ଯୁଦ୍ଧକ୍ଷେତ୍ରରୁ ପଳାୟନ କରିବି ନାହିଁ । ଏହା ଶୁଣି ରସୁଲୁଲ୍ଲାଃ ସ:ଆ:ସ କହିଲେ ତୁମେ ସତ୍ୟ କହୁଅଛ । ସୁତରାଂ ସେ ସେହି ଦିନ ହିଁ ଶହୀଦ୍ ହେଲେ । *(ଉସଦୁଲ୍ ଗାବାଃ ଖଣ୍ଡ-୫, ପୃ-୩୩୨........... ବେରୁତ ଲେବାନନ୍ ୨୦୦୮)*

ଖାଲିଦ୍ ବିନ୍ ଅବୁ ମାଲିକ୍ ଯାଆଦ ରିୱାୟତ କରୁଛନ୍ତି ଯେ ମୁଁ ବାପାଙ୍କ ପୁସ୍ତକରେ ଏ ରିୱାୟତ ପାଇଛି ଯେ ହଜରତ ନୋମନ୍ ବିନ୍ କୌକଲ୍ ଅନ୍‌ସାରୀ ର:ଅ ଦୁଆ କରିଥିଲେ ଯେ ମତେ ତୋ ରାଣ ହେ ମୋର ପାଳନକର୍ତା ! ଏବେ ସୂର୍ଯ୍ୟ ବୁଡ଼ିନଥିବ ଯେ ମୁଁ ମୋର ଛୋଟପଣିଆ ସହିତ ଯନ୍ନ (ବୈକୁଣ୍ଠ)ର ସବୁଜିମାରେ ପଦଚାରଣ କରୁଥିବି । ସୁତରାଂ ସେ ସେହିଦିନ ଶହୀଦ ହେଲେ । ରସୁଲୁଲ୍ଲାଃ ସ:ଆ:ସ କହିଲେ ଅଲ୍ଲାଃ ତାଲା ତାଙ୍କ ଦୁଆ (ପ୍ରାର୍ଥନା)କୁ ଗ୍ରହଣ କଲେ କାରଣ ମୁଁ ତାଙ୍କୁ ଦେଖିଲି । ଏହି ଦୃଶ୍ୟକୁ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କୁ କଶ୍‌ଫ (ଅର୍ଥାତ ଯାଗ୍ରତ ଅବସ୍ଥାରେ ଏକ ଦୃଶ୍ୟ ଯାହା ଅନ୍ୟମାନେ ଦେଖିପାରନ୍ତି ନାହିଁ କେବଳ ଯାହାଙ୍କୁ ଅଲ୍ଲାଃ ଦେଖାଇବାକୁ ଚାହୁଁଥିବେ ତାକୁ ଦେଖାଇବେ) ରୂପରେ ଦେଖାଇଲେ । ଆଁ ହଜରତ ସ:ଆ:ସ ପୁଣି କହିଲେ ଯେ ମୁଁ ତାଙ୍କୁ ଦେଖିଲି ଯେ ସେ ଯନ୍ନତରେ ଚାଲୁଥିଲେ ଓ ତାଙ୍କ ଚାଲିରେ କୌଣସି ପ୍ରକାରର ଛୋଟାଇବ ପଣ ଅଥବା ଅଙ୍କାବଙ୍କା ପଣିଆ ନଥିଲା । *(ମାରେଫତୁସ୍ ସାହାବା ଲି ଅବ ନଇମ୍ ଖଣ୍ଡ-୪, ପୃ-୩୧୭.........ବେରୁତ ୨୦୦୨)*

ହଜରତ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସିଲି, ସେତେବେଳେ ଆପଣ ସ:ଆ:ସ ଖୈବର୍‌ଠାରେ ଥିଲେ ଯେବେ କି ସାହାବାମାନେ ତାହାକୁ ଅର୍ଥାତ ଖୈବର୍‌କୁ ଜିଣି ସାରିଥିଲେ । ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! ମତେ ମଧ୍ୟ ଭାଗ ଦିଅନ୍ତୁ । ସଇଦ୍ ବିନ୍ ଆସଙ୍କ ଜଣେ ପୁତ୍ର କହିଲେ ଯେ ହେ ଅଲ୍ଲାଃଙ୍କ ରସୁଲ ! ଏହାଙ୍କୁ ଭାଗ ଦିଅନ୍ତୁ ନାହିଁ । ହଜରତ ଅବ ହୁରୈରାଃ ର:ଅ କହିଲେ ଯେ ଇଏ ନୋମାନ୍ ବିନ୍ କୌକଲ୍‌ର ହତ୍ୟାକାରୀ । ଇବ୍‌ନେ ସଇଦ୍ ବିନ୍ ଆସ୍ କହିଲେ ଆଶ୍ଚର୍ଯ୍ୟର କଥା ଇଏ ଆମମାନଙ୍କ ଉପରେ ଟାଣପଣ ଦେଖାଉଛନ୍ତି । ଏବେ ସାଏନ୍ ପାହାଡ଼୍, ଅର୍ଥାତ ହଜରତ ଅବୁ ହୁରୈରାଃଙ୍କ କବିଲା ଦୌସ୍‌ର ପାହାଡ଼ ମଧ୍ୟରୁ ଏକ ପାହାଡ଼, ସେ କହୁଛନ୍ତି ଯେ, ସେହି ପାହାଡ଼ ଉପରେ ଛେଳି ଚରାଇ ଚରାଇ ଆମ ପାଖକୁ ଆସିଯାଇଛନ୍ତି ଓ ମୋ ଉପରେ ଆରୋପ ଲଗାଉଛନ୍ତି ଯେ ମୁଁ ଜଣେ ମୁସଲମାନଙ୍କୁ କୁଆଡ଼େ ହତ୍ୟା କରିଥିଲି । ପୁଣି ସେ କହିଲା ଯେ ଯାହାକୁ ଅଲ୍ଲାଃ ମୋ ହାତଦ୍ୱାରା ସମ୍ମାନିତ କଲେ ଓ ମତେ ତାଙ୍କ ହତା ଦ୍ୱାରା ଲଜ୍ଜିତ କଲେ ନାହିଁ । ବହୁତ ଚାଲାକି/ହୁଶିଆରୀରେ ସେ ଏ ବୟାନ ଦେଲା । ସୁଫିୟାନ କହୁଥିଲେ ଯେ ମୁଁ ଜାଣିନାହିଁ ଯେ ଆଁ ହଜରତ ସ:ଆ:ସ ତାକୁ ଭାଗ ଦେଲେ ବା ନାହିଁ । *(ସହି ବୁଖାରୀ କିତାବୁଲ୍ ଜିହାଦ୍...... ହଦିସ ନଂ-୨୮୭୭) (ମୁଅଯମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨,ପୃ-୨୨୩)*

ହଜ୍‌ରତ୍ ଜାବିର୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ନୌମାନ୍ ବିନ୍ କୌକଲ୍‌ର

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମ୍ମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ ଆସି ଅନୁରୋଧ କଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ମୁଁ ଫର୍ଜ ନମାଜ ପାଠ କରିବି ଏବଂ ରମଜାନ୍‌ରେ ରୋଜା ରଖିବି ଓ ହରାମ୍ (ଅବୈଧ) ବସ୍ତୁକୁ ଅବୈଧ ଅବିହିତ କରିବି ଓ ହଲାଲ୍ (ବୈଧ) ବସ୍ତୁ ଗୁଡିକୁ ହଲାଲ୍ ରୂପେ ଅଭିହିତ କରିବି ଓ ସେଥି ମଧ୍ୟରୁ କିଛି ମଧ୍ୟ ଊଣା ଅଧିକେ କରିବି ନାହିଁ ତେବେ କଣ ମୁଁ ଜନ୍ନତରେ ପ୍ରବେଶ କରିବି କି ? ଏଥିରେ ଆଁ ହଜରତ୍ ସ:ଆ:ସ କହିଲେ ହଁ । ଏହା ଶୁଣି ସେ କହିଲେ ଅଲ୍ଲାଃଙ୍କ ରାଣ ! ମୁଁ ଏଥିରେ ଟିକିଏ ମଧ୍ୟ ଊଣା ଅଧିକେ କରିବି ନାହିଁ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୨୩, ପୃଷ୍ଠା-୭୮.... ୨୦୦୮)

ହଜ୍‌ରତ୍ ଜାବିର୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ନୋମାନ୍ ବିନ୍ କୌକଲ୍ ର:ଅ ଯେତେବେଳେ ମସ୍‌ଜିଦ୍‌ରେ ପ୍ରବେଶ କଲେ ସେହି ସମୟରେ ରସୁଲୁଲ୍ଲାଃ ସ:ଆ:ସ ଜୁମା ଦିନ ଖୁତ୍‌ବା ପ୍ରଦାନ କରୁଥିଲେ । ନବୀ କରିମ୍ ସ:ଆ:ସ ତାଙ୍କୁ କହିଲେ ହେ ନୋମାନ୍ ! ଦୁଇ ରେକାତ୍ ନମାଜ ପଢ଼ । ଏହା ଜୁମାର ସୁନ୍ନତ ଅଟେ । ଆଁ ହଜରତ୍ ସ:ଆ:ସ ଖୁତ୍‌ବା ପ୍ରଦାନ କରୁଥିଲେ ଓ ତାଙ୍କୁ କହିଲେ ଯେ ଦୁଇ ରେକାତ୍ ପଢ଼ ଏବଂ ତାହାକୁ ସଂକ୍ଷିପ୍ତ କର ଅର୍ଥାତ୍ ସଂକ୍ଷିପ୍ତ ରୂପେ ଜୁମାର ସୁନ୍ନତ୍ ପୂର୍ବରୁ ପଢ଼ିନିଅ । ଖୁତ୍‌ବା ଆରମ୍ଭ ହୋଇଯାଇଛି ତେଣୁ ଦୁଇ ରେକାତ୍ ଅଳ୍ପ ସମୟ ଭିତରେ ପଢ଼ିନିଅ । ପୁଣି ଆପଣ ସ:ଆ:ସ କହିଲେ ଯେ ଯଦି ତୁମମାନଙ୍କ ମଧ୍ୟରୁ କେହି ଆସନ୍ତି ଓ ସେତେବେଳେ ଇମାମ୍ ଖୁତ୍‌ବା ଦେଉଥିବେ ତେବେ ତାକୁ ଦୁଇ ରେକାତ୍ ନମାଜ ପଢ଼ିବା ଉଚିତ୍ ଏବଂ ସେହି ଦୁଇ ରେକାତ୍ ସଂକ୍ଷିପ୍ତରେ ଅଳ୍ପ ସମୟରେ ମଧ୍ୟରେ ପଢ଼ିବା ଉଚିତ୍ । (ମାରେ ଫତୁସ୍ ସାହାବା ଲି ଅବି ନଇମ୍, ଖଣ୍ଡ-୪, ପୃଷ୍ଠା-୩୧୭... ଦାରୁଲ୍ କୁତୁବୁଲ୍ ଇଲମିୟା, ବେରୁତ ୨୦୦୨)

ପୁଣି ଯେଉଁ ସାହାବୀଙ୍କର ଏଠାରେ ଯେଉଁ ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ । ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ ଅନ୍‌ସାରର କବିଲା ଅଓସ୍‌ର ବନୁ ଜହ୍‌ଜାବିବିନ୍ ଅଓଫ୍ ସହିତ ସମ୍ପର୍କ ରଖିଥିଲେ । (ଉସଦୁଲ୍ ଗାବା ଫି ମାରେଫତିସ୍ ସାହାବା, ଖଣ୍ଡ-୧, ପୃଷ୍ଠା-୬୮୧, ହଜରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ, ଦାରୁଲ୍ ଫିକର୍ ୨୦୦୩)

ହଜ୍‌ରତ୍ ଉମୈର୍ ବିନ୍ ଅବୁ ୱକାସ୍ ର:ଅ ଯେତେବେଳେ ମକାରୁ ମଦିନା ହିଜରତ୍ କଲେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ସହିତ ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କର ମୁଆଖାତ୍ ପ୍ରତିଷ୍ଠା କରିଥିଲେ । (ଅଇନୁଲ୍ ଅସର, ଖଣ୍ଡ-୧, ପୃଷ୍ଠା-୨୩୨.... ଦାରୁଲ୍ କଲମ୍ ବେରୁତ୍ ୧୯୯୩)

ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ସେ ଏହି ଯୁଦ୍ଧରେ ହାରିସ୍ ବିନ୍ ଆମିରଙ୍କୁ ହତ୍ୟା କରିଥିଲେ । ବଦର ଯୁଦ୍ଧରେ ମୁଜାହିଦ୍ ମାନଙ୍କ ଆସବାବ ପତ୍ରର ନିରୀକ୍ଷଣର ଦାୟିତ୍ୱ ସେ ନିର୍ବାହ କରଥିଲେ । (ସିରସ୍ ସାହାବା, ଖଣ୍ଡ-୩, ଭାଗ -୪, ପୃଷ୍ଠା-୩୦୯ ଇଦାରାଏ ଇସ୍‌ଲାମିୟାତ୍ ଲାହୋର)

ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ ୪ ହିଜରି ରେ ଅନୁଷ୍ଠିତ ହୋଇଥିବା ରଜିଇ ଘଟାଣାରେ ସାମିଲ୍‌ଥିଲେ । ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ ଏବଂ ହଜ୍‌ରତ୍ ଜଏଦ୍ ବିନ୍ ଦସିନା ର:ଅଙ୍କୁ ମୁଶ୍‌ରିକ୍‌ମାନେ ବନ୍ଦି କରିନେଲେ । ତାଙ୍କୁ ସାଥିରେ ମକା ନେଇଗଲେ ଓ ମକାରେ ପହଂଚି ସେ ଦୁଇଜଣ ସାହାବାଙ୍କୁ ବିକ୍ରି କରିଦେଲେ । ହାରିସ୍ ବିନ୍ ଆମିର୍‌ଙ୍କ ପୁତ୍ରମାନେ ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ କିଣିନେଲେ ଯଦ୍ୱାରା ସେମାନେ ନିଜ ବାପା ହାରିସ୍‌ଙ୍କ ହତ୍ୟାର ପ୍ରତିଶୋଧ ନେଇପାରିବେ ଯାହାକୁ ବଦର ଯୁଦ୍ଧ ଦିନ ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ ହତ୍ୟା କରିଥିଲେ । ଇବ୍‌ନେ ଇସ୍‌ହାକ୍‌ଙ୍କ ଅନୁସାରେ ହୁଜୈର୍ ବିନ୍ ଅବୁ ଇହାବ ତମିମି ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ କିଣିଥିଲେ ଯିଏ ହାରିସ୍‌ଙ୍କ ସନ୍ତାନମାନଙ୍କ ମିତ୍ରଥିଲେ । ତାଙ୍କଠାରୁ ହାରିସ୍‌ଙ୍କ ପୁତ୍ର ଅକ୍‌ବା ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ କିଣିଥିଲେ ଯଦ୍ୱାରା ସେ ନିଜେ ବାପାଙ୍କ ହତ୍ୟାର ପ୍ରତିଶୋଧ ନେଇପାରିବ । ଏହା ମଧ୍ୟ କୁହାଯାଇଛି ଯେ ଉକ୍‌ବା ବିନ୍ ହାରିସ୍ ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ ବନୁ ନଜ୍ଜାର୍‌ଠାରୁ କିଣିଥିଲା । ଏ କଥା ମଧ୍ୟ କୁହାଯାଇଛି ଯେ ଅବୁ ଯାହାବ୍, ଅକ୍‌ରମା ବିନ୍ ଅବୁଜହଲ୍, ଅଖନସ୍ ବିନ୍ ଶୁରେକ୍, ଉବୈଦାଃ ବିନ୍ ହକିମ୍ ଏବଂ ଉମେୟା ବିନ୍ ଅବୁ ଉତ୍‌ବା ହଜ୍‌ରମିଙ୍କ ପୁତ୍ରମାନେ ଏବଂ ସଫ୍‌ୱାନ୍ ବିନ୍ ଉମେୟା ମିଶିକରି ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ କିଣିଥିଲେ । ଏମାନେ ସବୁ ସେହି ଲୋକ ଥିଲେ ଯେଉଁମାନଙ୍କର ବାପାମାନେ ବଦର୍ ଯୁଦ୍ଧରେ ହତ୍ୟା ହୋଇଥିଲେ । ଏମାନେ ସମସ୍ତେ ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅଙ୍କୁ ଖରିଦ୍ କରି ଉକ୍‌ବା ବିନ୍‌ହାରିସକୁ ଦେଇଦେଇଥିଲେ । ଯିଏ ତାଙ୍କୁ ନିଜ ଘର ଭିତରେ ବନ୍ଦି କରି ରଖିଥଲେ । (ଅଲ୍ ଇସ୍‌ତିଆବ୍... ଖଣ୍ଡ-୨, ପୃଷ୍ଠା-୨୩-୨୫ "ହଜ୍‌ରତ୍ ଖୁବୈବ୍ ବିନ୍ ଅଦି ଅନ୍‌ସାରି ର:ଅ" ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ୍ ୨୦୦୨) (ସିରତ୍ ଖାତୁମୁନ୍ ନବିୟିନ୍, ପୃଷ୍ଠା-୫୧୩)

ବୁଖାରୀରେ ରଜିଇ ଘଟଣା ସମ୍ବନ୍ଧରେ କିଛି ବିବରଣୀ ଏପରି ବର୍ଣ୍ଣିତ ରହିଛି ଯେ ହଜ୍‌ରତ୍ ଅବୁ ହୁରେରା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ରସୁଲୁଲ୍ଲାଃ ସ:ଆ:ସ ଦଶଜଣ ଲୋକ ବିଶିଷ୍ଟ ଗୋଟିଏ ଦଳକୁ ପରିସ୍ଥିତି ସମ୍ବନ୍ଧରେ ଜାଣିବା ପାଇଁ ପଠାଇଲେ । ଆସିମ୍ ବିନ୍ ଉମର୍ ବିନ୍ ଖତାବ୍‌ଙ୍କ ନାନା (ଅଜା) ଆସିମ୍ ବିନ୍ ସାବିତ୍ ଅନ୍‌ସାରି ର:ଅଙ୍କୁ ସେହି ଦଳର ଅମିର୍ ନିଯୋଜିତ କଲେ । ଏମାନେ ସମସ୍ତେ ଚାଲିଗଲେ । ଯେତେବେଳେ ହଦାହା ସ୍ଥାନରେ ପହଂଚିଲେ ଯାହା ଅସ୍‌ଫାନ୍ ଏବଂ ମକା ମଧ୍ୟରେ ଅବସ୍ଥିତ ସେତେବେଳେ ସେମାନଙ୍କ ସମ୍ବନ୍ଧରେ କେହି ଜଣେ ବନୁ ଲହୟାନ୍‌ଙ୍କୁ ଖବର ଦେଲା ଯାହା ହୁଜୈଲ୍ କବିଲାର ଏକ ଅଂଶ ବିଶେଷ ଥିଲା । ଏ ଖବର ଶୁଣି ବନୁ ଲହୟାନ୍‌ର ଊଣାଅଧିକେ ଦୁଇଶହ ଲୋକ, ଯେଉଁମାନେ ସମସ୍ତେ ତୀରଚାଳକ ଥିଲେ, ବାହାରିପଡିଲେ ଏବଂ ସେମାନଙ୍କ ପାଦ ଚିହ୍ନକୁ ଅନୁସରଣ କରି ତାଙ୍କୁ ଅନୁଧାବନ କଲେ । ଏପରିକି ସେମାନେ ସେହି ସ୍ଥାନରେ ପହଂଚିଗଲେ ଯେଉଁଠି ସେମାନେ ଖଜୁରିକୋଳି ଖାଇଥିଲେ ଅର୍ଥାତ୍ ଯେଉଁଠି ସେହି ଦଶଜଣ ଲୋକ ରହିଥିଲେ ଓ ଖଜୁରି କୋଳି ଖାଇଥିଲେ, ଯାହାକୁ ସେମାନେ ରାସ୍ତାର ଖାଦ୍ୟ ରୂପେ ସାଥିରେ ନେଇ ଆସିଥିଲେ । ସେଠାରେ ଖଜୁରୀକୋଳିର ମଞ୍ଜିକୁ ଫିଙ୍ଗି ଦେଇଥିଲେ । ତାହା ସବୁକୁ ଦେଖି ଏମାନେ କହିଲେ ଯେ ଏହା ହେଉଛି ୟସ୍‌ରବ୍‌ର ଖଜୁରୀ ଅର୍ଥାତ୍ ମଦିନାର ଖଜୁରୀ ଓ ପୁଣି ସେମାନେ ତାଙ୍କ ପାଦ ଚିହ୍ନକୁ ଅନୁସରଣ କରି ତାଙ୍କ ପଛେ ପଛେ ଗଲେ ।

ଯେତେବେଳ ଆସିମ୍ ଏବଂ ତାଙ୍କ ସାଥିମାନେ ସେମାନଙ୍କୁ ପଛରେ ଆସିବାର ଦେଖିଲେ ସେତେବେଳେ ସେମାନେ ଗୋଟିଏ ଛୋଟିଆ ପାହାଡ ନିକଟରେ ଶରଣ ନେଲେ । ସେମାନଙ୍କୁ ସେହି ତୀରଚାଳକ ମାନେ ଚାରିଆଡୁ ଘେରିଗଲେ ଓ କହିଲେ ଯେ ତଳକୁ ଓହ୍ଲାଇ ଆସ ଓ ତୁମେମାନେ ନିଜକୁ ଆମ ନିକଟରେ ସମର୍ପଣ କରିଦିଅ ଓ ଆମ ତରଫରୁ ତୁମପାଇଁ ଏ ପ୍ରତିଶୃତି ରହିଛି ଯେ ଆମେ ତୁମମାନଙ୍କ ମଧ୍ୟରୁ କାହାକୁ ବି ହତ୍ୟା କରିବୁ ନାହିଁ । ଆସିମ୍ ବିନ୍ ସାବିତ୍ ଯିଏ ଏହି ଦଳର ଅମୀର୍ ନିଯୋଜିତ ହୋଇଥିଲେ, ସେ କହିଲେ ସେ ଯଦି ମୁଁ ନିଜକୁ ଆତ୍ମ ସମର୍ପଣ କରିଦେବି ତେବେ ମୁଁ ନିଶ୍ଚିତରୂପେ ଆଜି କାଫିର୍‌ଙ୍କ ଶରଣ ନେଇ ଏହି ପାହାଡରୁ ଓହ୍ଲାଇବାକୁ ହେବ । ଯେବେକି ମୁଁ କାଫିର୍‌ମାନଙ୍କ ଶରଣ ନେଇ ପାହାଡରୁ ଓହ୍ଲାଇବି ନାହିଁ । ପୁଣି ସେ ପ୍ରାର୍ଥନା କଲେ ଯେ ହେ ଅଲ୍ଲାଃ ! ଆମ ନବୀଙ୍କୁ ଆମ ସମ୍ବନ୍ଧରେ ଖବର ଦେଇଦିଅ । ସେହି ଲୋକମାନେ ତାଙ୍କ ଉପରକୁ ତୀର ମାରିଲେ ଓ ଆସିମ୍‌ଙ୍କୁ ସାତଜଣ ଲୋକଙ୍କ ସମେତ ମାରିଦେଲେ । ଏ ଦୃଶ୍ୟକୁ ଦେଖି ତିନିଜଣ ଲୋକ ଉକ୍ତ ପ୍ରତିଶୃତି ଉପରେ ଭରଷା କରି ତାଙ୍କ କଥା ଉପରେ ବିଶ୍ୱାସ କରି ପାହାଡରୁ ତଳକୁ ଓହ୍ଲାଇଗଲେ । ସେମାନଙ୍କ ମଧ୍ୟରେ ଖୁବୈବ୍ ଅନ୍‌ସାରି ଏବଂ ଇବ୍‌ନେ ଦସିନା ଏବଂ ଆଉଜଣେ ବ୍ୟକ୍ତି ଥିଲେ । ଯେତେବେଳେ ଏମାନେ ତଳକୁ ଓହ୍ଲାଇ ଆସିଲେ କାଫିର୍‌ମାନେ ସେମାନଙ୍କୁ କାବୁ କରିନେଲେ । ସେମାନେ ନିଜ କମାଣର ମୁହଁ ଖୋଲିଲେ ଏବଂ ସେଥିରେ ରସି ବାହାରକଲେ ଓ ଏମାନଙ୍କୁ ସେଥିରେ ବାନ୍ଧିଦେଲେ । ତୃତୀୟ ବ୍ୟକ୍ତିଜଣକ କହିଲେ ଯେ ଏହା ହେଉଛି ପ୍ରଥମ ଧୋକା । ଈଶ୍ୱରଙ୍କ ରାଣ ମୁଁ ତୁମ ସହିତ ଯିବି ନାହିଁ । ମୋ ପାଇଁ ସେମାନଙ୍କର ଦୃଷ୍ଟାନ୍ତ ରହିଛି ଯେଉଁମାନେ ଶହୀଦ୍ ହୋଇଛନ୍ତି । ମୁଁ ତ ଏଠାରେ ରହିବି, ଯଦି ମୋତେ ଶହୀଦ୍ କରିବାକୁ ଚାହୁଁଛ ତେବେ କର । ସେମାନେ ବହୁତ ପ୍ରକାର ଚେଷ୍ଟା କଲେ କି ସେ କିପରି ସେମାନଙ୍କ ସହିତ ଚାଲିଆସନ୍ତୁ କିନ୍ତୁ ସେ ମାନିଲେ ନାହିଁ । ପରିଶେଷରେ ସେମାନେ ତାଙ୍କୁ ମାରିଦେଲେ ଏବଂ ଖୁବୈବ୍ ଓ ଇବ୍‌ନେ ଦସିନାଙ୍କୁ ଧରି ସାଥିରେ ନେଇ ମକା ଚାଲିଗଲେ । ଏହା ବଦର୍ ଯୁଦ୍ଧ ପରବର୍ତୀ ଏକ ଘଟଣା ଏବଂ ଖୁବୈବ୍ ର:ଅଙ୍କ ବନୁ ହାରିସ୍ ବିନ୍ ଆମିର୍ ବିନ୍ ନୌଫିଲ୍‌ବିନ୍ ଅବ୍‌ଦେ ମନାଫ୍ ଖରିଦ୍ କରିନେଲା ଏବଂ ଖୁବୈବ୍ ହିଁ ହାରିସ୍ ବିନ୍ ଆମିର୍‌ଙ୍କୁ ବଦର୍ ଯୁଦ୍ଧ ଦିନ ହତ୍ୟା କରିଥିଲେ । ତେଣୁ ଖୁବୈବ୍ ତାଙ୍କ ନିକଟରେ ବନ୍ଦି ହୋଇ ରହିଲେ ।

ଇବ୍‌ନେ ଶିହାବ୍ କହୁଥିଲେ ଯେ ଉବୈଦୁଲ୍ଲାଃ ବିନ୍ ଅୟାଜ୍ ମୋତେ ବତାଇଛନ୍ତି ଯେ ହାରିସ୍‌ଙ୍କ ଝିଅ ତାଙ୍କୁ ଏ ବିଷୟରେ କହିଥିଲେ କି ଯେତେବେଳେ ସେମାନେ ଏ କଥା ନିର୍ଦ୍ଧାରିତ କରିନେଲେ ଯେ ତାଙ୍କୁ ମାରିଦେବେବୋଲି ଅର୍ଥାତ୍ ଯେଉଁମାନେ ତାଙ୍କୁ କିଣି ବନ୍ଦି ବନାଇଥିଲେ ସେମାନେ ଏକଥାରେ ସହମତ ହୋଇଗଲେ ଯେ ଏବେ ତାଙ୍କୁ ହତ୍ୟା କରିଦେବା, ଶହୀଦ୍ କରିଦେବା । ସେତେବେଳେ ଖୁବୈବ୍ ର:ଅ ବନ୍ଦି ଅବସ୍ଥାରେ ରହିଥିବା ସମୟରେ ଦିନେ ତାଙ୍କଠାରୁ ଅସ୍ତୁରା ବ୍ୟବହାର କରିବା ପାଇଁ ମାଗିଲେ । ଏହା ବହୁତ ବଡ ପ୍ରସିଦ୍ଧ ଘଟଣା ବର୍ଣ୍ଣନା କରାଯାଉଅଛି । ସୁତରାଂ ସେ ଅସ୍ତୁରା ଦେଇଦେଲେ । ହାରିସ୍‌ଙ୍କ ଝିଅ କହୁଛନ୍ତି ଯେ ସେତିକିବେଳେ ଅଜାଣତରେ ମୋର ଗୋଟିଏ ପୁଅ ଖୁବୈବ୍‌ଙ୍କ ନିକଟକୁ ଚାଲିଗଲା ଓ ସେ ତାଙ୍କୁ ଧରିନେଲେ । ସେ କହୁଛନ୍ତି ଯେ ମୁଁ ଖୁବୈବ୍ ର:ଅଙ୍କ ଦେଖିଲି କି ସେ ପିଲାଟିକୁ ନିଜ ଜଙ୍ଘ ଉପରେ ବସାଇଥିଲେ ଓ ଅସ୍ତୁରାଟି ତାଙ୍କ ହାତରେ ଥିଲା । ମୁଁ ଏହାକୁ ଦେଖି ବହୁତ ବ୍ୟତିବ୍ୟସ୍ତ ହୋଇଗଲି ଯେ ଏତିକିବେଳେ ଖୁବୈବ୍ ର:ଅ ମୋ ବ୍ୟତିବ୍ୟସ୍ତତାକୁ ମୋ ଚେହେରାରୁ ଜାଣିନେଲେ ଓ କହିଲେ ଯେ ତୁମେ ଡରୁଛ ଯେ ମୁଁ ଯାକୁ ମାରିଦେବି ବୋଲି । ମୁଁ ଏପରି ନୁହେଁ ଯେ ଏ କାର୍ଯ୍ୟ କରିବି । ହାରିସ୍‌ଙ୍କ ଝିଅ କହୁଥିଲେ ଯେ ଅଲ୍ଲାଃଙ୍କ ରାଣ ମୁଁ କଦାପି ଏମିତି କଏଦୀଙ୍କୁ ଦେଖିନାହିଁ ଯିଏ ଖୁବୈବ୍‌ଙ୍କଠାରୁ ଉତମ ହୋଇଥିବ । ପୁଣି କହିବାକୁ ଲାଗିଲେ ଯେ ଈଶ୍ୱରଙ୍କ ରାଣ ! ମୁଁ ଦିନେ ତାଙ୍କୁ ଦେଖିଲି ଯେ ସେ ଗୋଟିଏ ଅଙ୍ଗୁରର ପେନ୍ଥାକୁ ନିଜ ହାତରେ ଧରି ରଖିଥିଲେ ଓ ସେଥିରୁ ଅଙ୍ଗୁର ଖାଉଥିଲେ । ଯେବେକି ସେ ଜଞ୍ଜିରରେ ବନ୍ଧା ହୋଇଥିଲେ ଓ ସେହି ଦିନଗୁଡିକରେ ମକାରେ କୌଣସି ଫଳ ମଧ୍ୟ ନଥିଲା । ସେ କହୁଥିଲେ ଯେ ଏହା ଈଶ୍ୱରଙ୍କ ତରଫରୁ ତାଙ୍କ ପାଇଁ ଖାଦ୍ୟ ଥିଲା ଯାହାକୁ ଈଶ୍ୱର ଖୁବୈବ୍‌ଙ୍କୁ ପ୍ରଦାନ କରିଥିଲେ । ଯେତେବେଳେ ସେହି ଲୋକମାନଙ୍କୁ ହରମରୁ ବାହାରକୁ ନେଇଗଲେ କି ଏପରି ସ୍ଥାନରେ ତାଙ୍କୁ ହତ୍ୟା କରିବେ

ଯାହା ହରମ୍ ହୋଇନଥିବ । ସେତିକିବେଳେ ଖୁବୈବ୍ ର:ଅ ସେମାନଙ୍କୁ କହିଲେ ଯେ ମୋତେ ଅନୁମତି ଦିଅନ୍ତୁ କି ମୁଁ ଦୁଇ ରେକାତ୍ ନମାଜ ପଢ଼ିନେବି ଓ ସେମାନେ ତାଙ୍କୁ ଅନୁମତି ଦେଇଦେଲେ । ସେ ଦୁଇ ରେକାତ୍ ନମାଜ ପଢ଼ିଲେ ଓ କହିଲେ ମୁଁ ଏକଥା ଚିନ୍ତା କରିଥିଲି ଯେ ତୁମେ କାଳେ ଏକଥା ଭାବିବ କି, ମୁଁ ଏ ସମୟରେ ଯେଉଁ ଅବସ୍ଥାରେ ନମାଜ ପଢୁଛି ତାହା ଘାବରା ପଣିଆ ବା ବ୍ୟତିବ୍ୟସ୍ତତାର ଫଳ ଅଟେ ବୋଲି କିନ୍ତୁ ମୋତେ ଯଦି ମରିବାର କୌଣସି ଘାବରା ଛାନିଆ ଥାଆନ୍ତା ତେବେ ମୁଁ ନିଶ୍ଚିତ ରୂପେ ଏହି ନମାଜକୁ ଲମ୍ବା କରି ପଢ଼ିଥାଆନ୍ତି । ପୁଣି ସେ ନିଜ ଖୁଦାଙ୍କଠାରୁ ପ୍ରାର୍ଥନା କରି କହିଲେ ଯେ ହେ ଅଲ୍ଲାଃ ! ଏମାନଙ୍କୁ ଜଣ ଜଣ କରି ନିଃଶେଷ କର । ଯେତେବେଳେ ତାଙ୍କୁ ଶହୀଦ୍ କରିବାକୁ ଲାଗିଲେ ସେତେବେଳେ ସେ ଏ ଦୁଆ ମଧ୍ୟ କରୁଥିଲେ ଯେ ହେ ଅଲ୍ଲାଃ ! ଏମାନଙ୍କୁ ଜଣ ଜଣ କରି ନିଃଶେଷ କରିଦିଅ । ପୁଣି ହଜ୍‌ରତ୍ ଖୁବୈବ୍ ର:ଅ ନିମ୍ନଲିଖିତ ପଦକୁ ପାଠ କଲେ ।

**ୱ ଲସ୍‌ତୁ ଉବାଲି ହିନା ଉକ୍‌ତଲୁ ମୁସ୍‌ଲିମନ୍**
**ଆଲା ଅୟିଇ ଶିକ୍‌କିନ୍ କାନା ଲିଲ୍ଲାହି ମସ୍‌ରଇ**
**ୱ ଜାଲିକା ଫି ଜାତିଲ୍ ଇଲାହି ୱ ଇଁ ୟଶାଆ**
**ୟୁବାରିକ୍ ଅଲା ଔସାଲି ଶିଲ୍‌ୱିନ୍ ମୁମଜ୍ଜଇ**

ଅର୍ଥାତ୍ ଯେବେ କି ମୁଁ ମୁସଲ୍‌ମାନ୍ ଥିବା ଅବସ୍ଥାରେ ମରାଯାଉଅଛି ତେଣୁ ମୋତେ କୌଣସି ପରବାୟ ନାହିଁ ଯେ କେଉଁ କଣରେ ଅଲ୍ଲାଃଙ୍କ ଖାତିର୍ ମୁଁ ପଡ଼ିବି ଓ ମୋର ଏହି ପଡ଼ିବାଟା ଅଲ୍ଲାଃଙ୍କ ଅସ୍ତିତ୍ୱ ପାଇଁ ସମର୍ପଣ ଓ ଯଦି ସେ ଚାହାଁନ୍ତି ତେବେ ଖଣ୍ଡ ବିଖଣ୍ଡିତ ଶରୀରକୁ ଯୋଡିଦେଇ ବର୍‌କତ୍ ପ୍ରଦାନ କରିପାରିବେ ।

ଅଲ୍ଲାମା ହଜ୍‌ରେ ଅସ୍‌କଲାନି ଯିଏ ହେଉଛନ୍ତି ବୁଖାରୀର ବ୍ୟାଖ୍ୟାକାରୀ, ସେ ରଜିଇ ଯୁଦ୍ଧ ଅନ୍ତର୍ଗତ ଗୋଟିଏ ହଦିସ୍‌ର ବ୍ୟାଖ୍ୟା ମଧ୍ୟ କରିଛନ୍ତି ଯେ ହଜ୍‌ରତ୍ ଖୁବୈବ୍ ଶହୀଦ୍ ହେବା ସମୟରେ ଏହି ପ୍ରାର୍ଥନା ମାଗିଥିଲେ କି *ଅଲାହୁମା ଅହ୍‌ସିହିମ୍ ଅଦଦନ୍* ଅର୍ଥାତ୍ ହେ ଅଲ୍ଲା ! ଏହି ଶତ୍ରୁମାନଙ୍କୁ ଗଣିକରି ରଖ, ଏମାନେ ଯେଉଁମାନେ ମୋ ଶତ୍ରୁ ସେମାନଙ୍କୁ ଗଣିନିଅ ଯଦ୍ୱାରା ତାଙ୍କର ପ୍ରତିଶୋଧ ନିଆଯାଇପାରିବ ଓ ଆଉ ଗୋଟିଏ ରିୱାୟତ୍‌ରେ ଏ ଶବ୍ଦ ମଧ୍ୟ ଟିକେ ଅଧିକା ଉଲ୍ଲେଖ ଅଛି ଯେ *ୱକ୍‌ତୁଲ୍‌ହୁମ୍ ବଦଦନ୍ ୱଲା ତୁବ୍‌କି ନିନ୍‌ହୁମ୍ ଅହ୍‌ଦା* ଅର୍ଥାତ୍ ସେମାନଙ୍କୁ ବାଛିବାଛି ହତ୍ୟା କର ଓ ସେମାନଙ୍କ ମଧ୍ୟରୁ ଜଣକୁ ମଧ୍ୟ ଛାଡନାହିଁ । (ବୁଖାରୀ କିତାବୁଲ୍ ମଗାଜି.... ହଦିସ୍ ୩୦୪୫) ଫତହୁଲ୍ ବାରି.... ଖଣ୍ଡ-୭, ପୃଷ୍ଠା-୪୮୮.... ଆରାମ୍‌ବାଗ୍ କରାଚି)

ସେ ଯାହାହେଉ, ସେ ନଫିଲ୍ ନମାଜ ପଢ଼ିଲେ ଓ ଶେଷରେ ହାରିସ୍‌ର ପୁଅ ଉକ୍‌ବା ହଜ୍‌ର୍ ଖୁବୈବ୍ ବିନ୍ ଅଦି ର:ଅଙ୍କୁ ସେଠାରେ ନେଇ ହତ୍ୟା କଲେ, ଶହୀଦ୍ କରିଦେଲେ ଓ ବୁଖାରୀରେ ଆଉ ଗୋଟିଏ ରିୱାୟତ୍ ଅଛି ଯେ ହଜ୍‌ରତ୍ ଖୁବୈବ୍‌ଙ୍କୁ ଅବୁ ସର୍‌ୱାଆ ହତ୍ୟା କରିଥିଲେ ଏବଂ ଖୁବୈବ୍ ହିଁ ଥିଲେ ଯିଏ ମୁସଲ୍‌ମାନ୍‌ମାନଙ୍କ ପାଇଁ ଦୁଇ ରେକାତ୍ ନମାଜ ପଢ଼ିବାର ସୁନ୍ନତ୍ (ପ୍ରଚଳନ) ପ୍ରତିଷ୍ଠା କରିଛନ୍ତି ଯେଉଁମାନଙ୍କୁ ଏପରି ବାନ୍ଧି ମରାଯାଉଅଛି ।

ଅଲ୍ଲାଃତାଲା ଆସିମ୍ ବିନ୍ ସାବିତ୍ ର:ଅଙ୍କ ଦୁଆ (ପ୍ରାର୍ଥନା) ସେହିଦିନ ଗ୍ରହଣ କଲେ ଯେଉଁଦିନ ସେ ଶହୀଦ୍ ହୋଇଥିଲେ ଓ ନବୀ କରିମ୍ ସ:ଆ:ସ ନିଜ ସାହାବାମାନଙ୍କୁ ବତାଇଛନ୍ତି ଯାହା ସମ୍ବନ୍ଧରେ ପୂର୍ବରୁ ଏକଥା ଚର୍ଚ୍ଚା ହୋଇସାରିଛି ଯେ ଆସିମ୍ ବିନ୍ ସାବିତ୍ ର:ଅ ଏ ପ୍ରାର୍ଥନା କରିଥିଲେ ଯେ ଅଲ୍ଲାଃତାଲା ନବୀ କରିମ୍ ସ:ଆ:ସଙ୍କୁ ଖବର ଦେଇଦିଅନ୍ତୁ ଓ ସେ ଏହି ଦଳର ଲିଡର୍ ମଧ୍ୟ ଥିଲେ ଓ ସେହି ଦଳରେ ହଜ୍‌ରତ୍ ଖୁବୈବ୍ ର:ଅ ମଧ୍ୟ ସାମିଲ୍ ଥିଲେ । ନବୀ କରିମ୍ ସ:ଆ:ସ ନିଜ ସାହାବା ମାନଙ୍କୁ ସେହି ଲୋମାନଙ୍କ ସହିତ ଯେଉଁ ବ୍ୟବହାର ହୋଇଥିଲା ସେହି ଘଟଣା ସମ୍ବନ୍ଧରେ ବତାଇଲେ ଏବଂ ସେମାନଙ୍କୁ ଯେଉଁ ଦୁଃଖ କଷ୍ଟ ପହଂଚୁଥିଲା ସେ ବିଷୟରେ ମଧ୍ୟ ବତାଇଥିଲେ । କୁରୈଶର କୁଫାରମାନଙ୍କୁ କେତେକ ଲୋକ ଏକଥା ବତାଇଲେ ଯେ ଆସିମ୍‌ଙ୍କୁ ହତ୍ୟା କରି ଦିଆଯାଇଛି । ତେଣୁ ସେମାନେ ଆସିମ୍‌ଙ୍କ ସମ୍ବନ୍ଧରେ ଜାଣିବା ପାଇଁ କିଛି ଲୋକଙ୍କୁ ପଠାଇଲେ ଯେ ତାଙ୍କ ଲାସ୍‌ରୁ ଏପରି ଅଂଶକୁ ଆଣନ୍ତୁ ଯାହାକୁ ଦେଖି ସେ ଚିହ୍ନିତ ହେବେ । ଆସିମ୍ ର:ଅ ବଦର୍ ଯୁଦ୍ଧ ଦିନ ଉକ୍ତ ବଡ ବଡ ଲୋକମାନଙ୍କ ମଧ୍ୟରୁ ଜଣକୁ ହତ୍ୟା କରିଥିଲେ । ତେଣୁ ଆସିମ୍‌ଙ୍କ ଲାସ୍ ଉପରେ ପଶୁ ଛାଡି ଦିଆଗଲା । ଅଲ୍ଲାଃତାଲା ଏପରି ବ୍ୟବସ୍ଥା କରିଲେ ଯେ ତାଙ୍କ ଲାସ୍‌କୁ ଖରାପ କରିବା ପାଇଁ ଯେଉଁ ଲୋକମାନଙ୍କୁ କୁଫାର୍ ପଠାଇଥିଲେ ସେମାନେ ଆସିମ୍‌ଙ୍କର କିଛି କ୍ଷତି କରିପାରିଲେ ନାହିଁ ଓ ସେମାନଙ୍କଠାରୁ ତାଙ୍କୁ ବଂଚାଇଦେଲେ । ସେମାନେ ତାଙ୍କ ଶରୀରରୁ କୌଣସି ଅଂଶ କାଟିପାରିଲେନାହିଁ । (ସହି ବୁଖାରୀ କିତାବୁଲ୍ ମଗାଜି.... ହଦିସ୍ ୪୦୮୬-୪୦୮୭)

ହଜ୍‌ରତ୍ ଖୁବୈବ୍ ର:ଅଙ୍କୁ ଯେତେବେଳେ ଶହୀଦ୍ କରିବାକୁ ଲାଗିଲେ ସେତେବେଳେ ସେ ଏ ଦୁଆ ମାଗୁଥିଲେ ଯେ ହେ ଅଲ୍ଲାଃ ! ମୋ ନିକଟରେ ଯାଇ କୌଣସି ସାଧନ ନାହିଁ ଯେ ତୁମ ରସୁଲ୍ ସ:ଆ:ସଙ୍କ ପର୍ଯ୍ୟନ୍ତ ମୁଁ ସଲାମ୍ ପହଂଚାଇପାରିବି । ତେଣୁ ସ୍ୱୟଂ ମୋ ତରଫରୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସଲାମ୍ ପହଂଚାଇଦିଅ । ଯେତେବେଳେ ହଜ୍‌ରତ୍ ଖୁବୈବ୍ ର:ଅଙ୍କୁ ହତ୍ୟା କରିବା ପାଇଁ ନେଇନିଆଗଲା ଓ ସେ ପଟାଉପରେ ଚଢ଼ିଲେ ସେତେବେଳେ ଏହି ଦୁଆ କଲେ । କହୁଛନ୍ତି ଯେ ଯେତେବେଳେ ଜଣେ ମୁସ୍‌ରିକ୍ ଏହି ଦୁଆକୁ ଶୁଣିଲେ ଅର୍ଥାତ୍ *ଅଲାହୁମା ଅହ୍‌ସିହିମ୍ ଅଦଦନ୍ ୱକ୍‌ତୁଲ୍ ହୁମ୍ ବଦଦନ୍* ଅର୍ଥାତ୍ ହେ ଅଲ୍ଲାଃ ! ସେମାନଙ୍କୁ ଗଣିରଖ ଓ ବାଛିବାଛି କରି ହତ୍ୟାକର, ଏଥିରେ ସେ ଭୟଭୀତ ହୋଇ ଭୂମି ଉପରେ ପଡ଼ିଗଲା । ସେ କହୁଛନ୍ତି ଯେ ଗୋଟିଏ ବର୍ଷ ବିତିଥିଲା କି ନାହିଁ, କେବଳ ସେହି ବ୍ୟକ୍ତିଙ୍କ ବ୍ୟତୀତ ଅର୍ଥାତ୍ ଯେଉଁ ବ୍ୟକ୍ତି ଜଣକ ଭୂମି ଉପରେ ପଡିଯାଇଥିଲା, ହଜ୍‌ରତ୍ ଖୁବୈବ୍ ର:ଅଙ୍କ ହତ୍ୟାରେ ସାମିଲ୍ ହୋଇଥିବା ସବୁତକ ଲୋକ ବଂଚିଲେ ନାହିଁ, ସମସ୍ତେ ଶେଷ ହୋଇଗଲେ । ହଜ୍‌ରତ୍ ମାୱିୟା ବିନ୍ ଅବୁସୁଫିୟାନ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ମୋ ବାପାଙ୍କ ସହିତ ସେହି ଅବସରରେ ଉପସ୍ଥିତ ଥିଲି । ଯେତେବେଳେ ମୋ ବାପା ହଜ୍‌ରତ୍ ଖୁବୈବ୍‌ଙ୍କର ଉକ୍ତ ଦୁଆକୁ ଶୁଣିଲେ ସେତେବେଳେ ସେ ମୋତେ ଭୂମିଉପରେ ପକାଇବାକୁ ଲାଗିଲେ । ଆହୁରି ମଧ୍ୟ କିଛି ଲୋକ ଥିବେ ଏପରି କରିଥିବେ । ସେ ଯାହାହେଉ ତାହା ତ ପ୍ରଥମ ରିୱାୟତ୍ ଥିଲା ଏହା ଦ୍ୱିତୀୟ ରିୱାୟତ୍ ଅଟେ । ଉର୍‌ୱା ବୟାନ୍ କରୁଛନ୍ତି ମୁସ୍‌ରିକ୍ ମାନଙ୍କ ମଧ୍ୟରୁ ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ ସେମାନଙ୍କ ମଧ୍ୟରେ ଅବୁ ଇହାବ୍, ଅଖ୍‌ନସ୍ ବିନ୍ ଶୁରୈକ, ଉବୈଦା ବିନ୍ ହକିମ୍ ଏବଂ ଉମେୟା ବିନ୍ ଉତ୍‌ବା ସାମିଲ୍ ଥିଲେ । ସେ ଏହା ମଧ୍ୟ ବର୍ଣ୍ଣନା କରୁଛନ୍ତି ଯେ ଜିବ୍‌ରାଇଲ୍ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଆସିଲେ ଓ ଆପଣ ସ:ଆ:ସଙ୍କୁ ଉକ୍ତ ଘଟଣା ସମ୍ବନ୍ଧରେ ଖବର ଦେଲେ । ଏଥିରେ ଆପଣ ସ:ଆ:ସ ନିଜ ସାହାବାମାନଙ୍କୁ ଏ ସମନ୍ଧରେ ବତାଇଲେ । ସାହାବା ର:ଅ କହୁଛନ୍ତି ଯେ ସେହିଦିନ ଆଁ ହଜ୍‌ରତ୍ ସ:ଆ:ସ ବସିଥିଲେ ଏବଂ ଆପଣ ସ:ଆ:ସ କହିଲେ *ୱ ଆଲୈକସ୍ ସଲାମୁ ୟା ଖୁବୈବୁ* ଅର୍ଥାତ୍ ହେ ଖୁବୈବ୍ ! ତୁମ ଉପରେ ଖୁଦାଙ୍କର ଆଶିଷ ହେଉ । ତା'ପରେ କୁରୈଶ ତାଙ୍କୁ ହତ୍ୟା କରିଦେଲେ । *(ଫତହୁଲ୍ ବାରି..... ଖଣ୍ଡ-୭, ପୃଷ୍ଠା-୪୮୮.... ଆରାମ୍‌ବାଗ୍ କରାଚି, ହଦିସ୍ ନଂ ୪୦୮୬)*

ଆପଣ ସ:ଆ:ସ ଏହା ମଧ୍ୟ କହିଲେ ତେବେ ଅଲ୍ଲାଃ ତାଲା ସଲାମ ପହଂଚେଇବାର ବ୍ୟବସ୍ଥା କରିଦେଲେ । ଏହି ଶରାଃ (ବ୍ୟାଖ୍ୟା) ହେଉଛି ସହୀ ବୁଖାରୀର ସେଥିରେ ଏକଥା ଉଲ୍ଲେଖ ରିହିଛି ।

ହଜରତ ଖୁବୈବ୍ ର:ଅଙ୍କୁ ଯେତେବେଳେ ଶହୀଦ କରାଗଲା ସେତେବେଳେ ମୁଶରିକ୍ ମାନେ ତାଙ୍କ ଚେହେରାକୁ କିବ୍‌ଲା ଛଡ଼ା ଅନ୍ୟପଟକୁ କରିଦେଲେ । କିନ୍ତୁ ସେହି ମୁଶରିକ୍‌ମାନେ ଯେତେବେଳେ କିଛି ସମୟପରେ ହଜରତ ଖୁବୈବ୍ ର:ଅଙ୍କ ଚେହେରାକୁ ପୂର୍ନବାର ଦେଖିଲେ ସେତେବେଳେ ତାହା କିବ୍‌ଲା ପଟକୁ ଥିଲା । ସେହି ଲୋକମାନେ ବାରମ୍ବାର ହଜରତ ଖୁବୈବ୍ ର:ଅଙ୍କ ଚେହେରାକୁ ଅନ୍ୟ ଦିଗକୁ କରିଦେଉଥିଲେ କିନ୍ତୁ ଏଥିରେ ସେମାନେ ସଫଳ ହୋଇପାରିଲେ ନାହିଁ ସୁତରାଂ ମୁଶରିକମାନେ ତାଙ୍କୁ ସେହି ଅବସ୍ଥାରେ ଛାଡ଼ିଦେଲେ ।

*(ଅଲ୍ ଅସାବା ଫି ତମିଜି ସାହାବା ଖଣ୍ଡ-୨, ପୃ-୨୨୭......... ବେରୁତ ୨୦୦୫)*

ଆଉ ଏକ ରିୱାୟତ ମଧ୍ୟ ରହିଛି ଯେ, କୁରୈଶ୍ ଖୁବୈବ୍ ର:ଅଙ୍କୁ ଗୋଟିଏ ଗଛର ଡ଼ାଳରେ ଲଟକାଇ ଦେଲେ ଓ ପୁଣି ତାଙ୍କୁ କନ୍ତ ଦ୍ୱାରା କେଂଚି କେଂଚି ହତ୍ୟା କଲେ । ସେହି ଲୋକଙ୍କ ଭିଡ଼ ମଧ୍ୟରେ ସଇଦ ବିନ୍ ଆମୀର ନାମକ ଜଣେ ବ୍ୟକ୍ତି ମଧ୍ୟ ଥିଲେ । ସେହି ବ୍ୟକ୍ତି ଜଣକ ପରେ ମୁସଲମାନ ହୋଇଯାଇଥିଲେ ଏବଂ ହଜରତ ଉମର ର:ଅଙ୍କ ଖିଲାଫତ ସମୟ ପର୍ଯ୍ୟନ୍ତ ତାଙ୍କର ଏପରି ଅବସ୍ଥା ଥିଲା ଯେ ଯେତେବେଳେ ମଧ୍ୟ ତାଙ୍କୁ ଖୁବୈବ୍‌ଙ୍କ ଘଟଣା ମନେ ପଡୁଥିଲା ସେ ସେତେବେଳେ ବେହୋସ ହୋଇଯାଉଥିଲେ । ହଜୁର ଅନୱର କହୁଛନ୍ତି ଅତ୍ୟାଚାର କରିଥିବା ଲୋକମାନଙ୍କ ମଧ୍ୟରେ ସେ ସାମିଲ ଥିଲେ କିନ୍ତୁ ପରେ ମୁସଲମାନ ହୋଇଗଲେ ।

*(ସିରତ୍ ଖାତମୁନ୍ ନବିଇନ୍ ପୃ-୫୧୫ ରୁ ୫୧୬)*

ତାଙ୍କ ସମ୍ବନ୍ଧରେ ଆହୁରି କିଛି ଘଟଣାମାନ ମଧ୍ୟ ରହିଛି ଏବେ ଏହା ଆସନ୍ତାକୁ ବର୍ଣ୍ଣନା କରାଯିବ ।

ବର୍ତମାନ ପ୍ରଥମ ତ ମୁଁ ଗୋଟିଏ ଘୋଷଣା କରିବାକୁ ଚାହୁଁଛି ଯେ, ତାରିଖେ ଅହେମଦୀୟତ (ଅର୍ଥାତ ଅହେମଦୀୟତର ଇତିହାସ) ବିଭାଗ ନିଜର ଗୋଟିଏ ୱେବସାଇଟ ଆରମ୍ଭ କରିଛି ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାରେ ଏହା ରହିଛି । ଯେଉଁଥିରେ ଅହେମଦୀୟତର ଇତିହାସ, ଆତ୍ମଜୀବନି ଓ ଜୀବନ ଚରିତ ସମ୍ବନ୍ଧୀୟ ଯମାତ୍‌ରେ ଛପାଯାଇଥିବା ବିଷୟବସ୍ତୁକୁ ରଖାଯାଇଛି । ଉଦାହରଣ ସ୍ୱରୁପ ହଜରତ ମସିହ ମଉଦ ଆ:ସ, ଅହେମଦୀୟତର ଖଲିଫାମାନେ, ଅସହାବେ ଅହେମଦ୍, ସୋହଦାଏ ଅହେମଦୀୟତ, ଦରୱିଶାନେ କାଦିୟାନ, ମୁବ୍‌ଲିଗିନ୍ ସିଲ୍‌ସିଲା ଏବଂ ଯମାତ୍‌ର ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଗଣଙ୍କ ସିରତ୍ ୱ ସ୍ୱାନେହ୍ (ଅର୍ଥାତ ଜୀବନ ଚରିତ ଓ ଆତ୍ମଜୀବନି, ସମ୍ବନ୍ଧିତ ପୁସ୍ତକମାନ ରହିଛି, ନିବନ୍ଧ, ପ୍ରବନ୍ଧ, ସ୍ମୃତିଛବି ଇତ୍ୟାଦି ରହିଛି । ତାରିଖେ ଅହେମଦିୟତର ଯେତେଗୋଟି ଖଣ୍ଡ ଅଛନ୍ତି ଅର୍ଥାତ ଏ ପର୍ଯ୍ୟନ୍ତ ଯେତେସବୁ ଛପା ଯାଇଛି । ତାହା ସେଥିରେ ରହିଛି । ଜେଲି ତନ୍‌ଜିମ୍, ଦେଶ ଓ ସହର ଗୋଡ଼ିକର ଯମାତ୍‌ର ଇତିହାସ, ଏହି ସମ୍ପ୍ରଦାୟର ବିଶିଷ୍ଟ ବ୍ୟକ୍ତିମାନଙ୍କ ଲେଖନୀ, କିଛି ବର୍‌କତ୍ ସ୍ୱରୁପ ଫଟୋ, ଖବର କାଗଜ ଓ ପ୍ରତ୍ରିକାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅଙ୍କମାନ ରହିଛି । ଗବେଷଣା ଏବଂ ଐତିହାସିକ ବିଷୟବସ୍ତୁଗୁଡ଼ିକୁ ସେଥିରେ ରଖାଯାଇଛି ।

ଗୁରୁତ୍ୱପୂର୍ଣ୍ଣ ଯମାତି ଉତ୍ସବ ଏବଂ ଯମାତ୍‌ର ଅଟ୍ଟାଳିକାଗୁଡ଼ିକ ଉପଲବ୍ଧ ଉଦାହରଣ ସ୍ୱରୁପ ମସ୍‌ଜିଦ୍ ଏବଂ ମିଶନ୍ ହାଉସ୍, ମର୍‌କଜି ଦଫତର ଗୁଡ଼ିକ, ଶିକ୍ଷାବିଭାଗିୟ କାର୍ଯ୍ୟାଳୟ,

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

*ପୃଷ୍ଠା- ୯ ର ଅବଶିଷ୍ଟାଂଶ ...*

ପଚାରିବାରେ ଅଜ୍‌ହର ହମିର୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ଆମେରିକା କହିଲେ ଯେ, ଏଠାରେ ପୁରୁଷ ଓ ମହିଳାମାନଙ୍କୁ ମିଶାଇ ଯୁମ୍ମା ନମାଜରେ ମୋଟ ଉପସ୍ଥାନ ୩୫୦ ପାଖାପାଖି ହୋଇଥାଏ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଏହା ତ ପଂଚମ ଭାଗରୁ ମଧ୍ୟ କମ୍ । ଯଦି ଲୋକମାନେ ଆସୁନାହାନ୍ତି ତେବେ ଆପଣମାନେ କ'ଣ ଚେଷ୍ଟା କରିଛନ୍ତି ? ଲୋକମାନଙ୍କୁ ମସଜିଦ୍‌କୁ ଡ଼ାକିବା ପାଇଁ ତର୍‌ବିୟତ ବିଭାଗ କ'ଣ ପଦକ୍ଷେପ ଗ୍ରହଣ କରିଛି ? ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ବଇତୁର୍ ରହମାନ୍ ନିକଟରେ ତିନିଗୋଟି ଯମାତ୍ ଅଛନ୍ତି ଏବଂ ଏଠାରେ ଏକ ସ୍ଥାନୀୟ ଯମାତ୍‌ର ଆମେଲାର ସଦସ୍ୟମାନଙ୍କର ସଂଖ୍ୟା କୋଡ଼ିଏ ପାଖାପାଖି ହେବ ଏବଂ ତିନିଗୋଟି ଯମାତ୍‌ର ଆମେଲାର ସଦସ୍ୟମାନଙ୍କ ସଂଖ୍ୟା ୬୦ ହେବ । ଏହିପରି ଏହି ତିନିଗୋଟି ଯମାତ୍‌ରେ ଖୁଦାମୁଲ୍ ଅହେମଦିୟା ଏବଂ ଅନ୍‌ସାରୁଲ୍ଲାଃର ଆମେଲା ସଦସ୍ୟମାନଙ୍କର ସଂଖ୍ୟା ୬୦, ୬୦ ହେବ । ଏହିପରି ୧୮୦ ଜଣ ତ' କେବଳ ଆମେଲାର ସଦସ୍ୟ ହିଁ ହେଉଛନ୍ତି । ଯଦି ଆମେଲାର ମେମ୍ବରମାନେ ହିଁ ନମାଜ୍ ପଢ଼ିବାକୁ ଆସିବା ଆରମ୍ଭ କରିଦିଅନ୍ତି ତେବେ ବର୍ତମାନ ଯେଉଁ ଉପସ୍ଥାନ ରହିଛି ସେଥିରେ ତିନିଗୁଣ ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ନମାଜ୍ ହେଉଛି ବୁନିୟାଡି ଜିନିଷ ମୁଁ ତ ସମୟେ ସମୟେ ଯଦି ମାସକରେ ଥରେ ନାହିଁ ତେବେ ଦୁଇମାସରେ ଥରେ ନିଶ୍ଚିତରୂପେ ନମାଜ୍ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଥାଏ । ଏହା ବହୁତ ଆବଶ୍ୟକ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ତର୍‌ବିୟତ ଠିକ୍ ହେବ ତେବେ ସେକ୍ରଟରୀ ମାଲ୍‌ଙ୍କୁ ଚାନ୍ଦା ଉସୁଲ କରିବା ସମ୍ବନ୍ଧରେ କୌଣସି ଅସୁବିଧା ହେବ ନାହିଁ । ତେଣୁ ତର୍‌ବିୟତ ହେଉଛି ବହୁତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ସର୍ବପ୍ରଥମେ ନମାଜ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ତା ପରେ ମାଲି କୁର୍‌ବାନି କରିବା ପ୍ରତି ଧ୍ୟାନ ଦିଅନ୍ତୁ ସେଥିପାଇଁ ଆସନ୍ତା ଗୋଟିଏ କିମ୍ବା ଦୁଇ ସପ୍ତାହରେ ନିୟମିତ ରୂପେ ଗୋଟିଏ ଯୋଜନା ବନାନ୍ତୁ ଯେଉଁ ଯୋଜନା ମଧ୍ୟ ବନାଇବେ ତାହାର ଗୋଟିଏ ନକଲ କପି ମୋ ନିକଟକୁ ମଧ୍ୟ ପଠାନ୍ତୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତର୍‌ବିୟତ କହିଲେ ଯେ, ବିଗତ ତିନିବର୍ଷ ହେବ ସେ ୨୦ ରୁ ୩୦ଟି ଯମାତ୍‌ର ଗ୍ରସ୍ତ କରିସାରିଛନ୍ତି । ହଜୁର ଅନଓ୍ୱରେ ଅ:ବ:ଅ କହିଲେ ଯେ, ମୁବଲିଗମାନଙ୍କଠାରୁ ମଧ୍ୟ ସାହାଯ୍ୟ ନିଅନ୍ତୁ । ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତର୍‌ବିୟତ୍ କହିଲେ ଯେ, ବିଗତ ଦୁଇ ତିନି ବର୍ଷ ହେବ ତର୍‌ବିୟତ ବିଭାଗଙ୍କ ନିକଟରେ ନିୟମିତ ରୂପେ କୌଣସି ମୁବଲିଗ୍ ନାହାନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣଙ୍କ ନିକଟରେ ମୁବଲିଗ୍ ମାନଙ୍କର ସ୍ୱଳ୍ପତା ଅଛି । ପାକିସ୍ତାନରୁ ମୁବଲିଗ୍ ମାନଙ୍କୁ ଏଠିକାର ଭିଜା ମିଳୁନାହିଁ । ଘାନାର ମୁବଲିଗ୍ ମାନଙ୍କୁ ତ ଭିଜା ମିଳିପାରେ ସେଠାକୁ ମଧ୍ୟ ମୁବଲିଗ୍ ମାନଙ୍କୁ ପଠାଯାଇପାରେ ।

ତତ୍‌ସହିତ ହଜୁର ଅନଓ୍ୱର ଅ:ବ:ଅ ମୁବଲିଗ୍ ଇନ୍‌ଚାର୍ଜ ସାହେବଙ୍କୁ କହିଲେ ଯେ, ଆମେରିକାରୁ ମଧ୍ୟ ଅଧିକରୁ ଅଧିକ ଛାତ୍ରମାନଙ୍କୁ ଜାମିଆ ଅହେମଦିୟାରେ ପଢ଼ିବାପାଇଁ ପଠାନ୍ତୁ । ଏଥିପାଇଁ ନିୟମିତ ଯୋଜନା ତିଆରି କରନ୍ତୁ । ଏବଂ ଚେଷ୍ଟା କରନ୍ତୁ ଯେ, ଆଫ୍ରିକୀୟ, ଆମେରିକୀୟ ମଧ୍ୟରୁ ଯଦି ୧୦ ଜଣ ନୁହେଁ ତେବେ ଅତିକମ୍‌ରେ ଜଣେ ବା ଦୁଇଜଣ ଆଫ୍ରିକୀୟ ଆମେରିକୀୟ ଛାତ୍ର ନିଶ୍ଚିତ ରୂପେ ଜାମିଆକୁ ଯାଆନ୍ତୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଆମେଲାର ଜଣେ ସଦସ୍ୟ କହିଲେ ଯେ, ଆମକୁ ଓ୍ୱାକିଫିନେ ନୌ ପିଲାମାନଙ୍କ ମଧ୍ୟରୁ ଦଶପ୍ରତିଶତ ପିଲାଙ୍କୁ ଜାମିଆ ପଠାଇବା ପାଇଁ ଲକ୍ଷ୍ୟ ମିଳିଥିଲା । ଚଳିତ ବର୍ଷ ଏଠାରୁ ତିନିଜଣ ଓ୍ୱାକିଫିନେ ନୌ ଜାମିଆକୁ ପଠାଯାଇଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଏହା ତା ଟାର୍ଗେଟର ଏକ ତୃତୀୟାଂଶ ହେଉଛି । ଚେଷ୍ଟା କରନ୍ତୁ ଯେ, ଆମେରିକାରୁ ଅଧିକରୁ ଅଧିକ ପିଲାଙ୍କୁ ଜାମିଆ ପଠାଯାଉ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଆଫ୍ରିକୀୟ ଆମେରିକୀୟ ଆମେଲା ସଦସ୍ୟ ଅବୁବକର ସାହେବ କହିଲେ ଯେ, ତାଙ୍କର ଜଣେ ପୁଅ ଅଛନ୍ତି ତାଙ୍କର ଆନ୍ତରିକ ଇଛା ଯେ, ସେ ହାଇସ୍କୁଲ୍ ପାଠକୁ ସମ୍ପୁର୍ଣ କରିବାପରେ ଜାମିଆ ଅହେମଦିୟାରେ ପ୍ରବେଶ ହେଉ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆହୁରି ମଧ୍ୟ ଘାନା ନିବାସୀ ଯାହାଙ୍କ ପିଲାମାନେ ଓ୍ୱକ୍‌ଫେ ନୌ ରେ ଅଛନ୍ତି ସେମାନଙ୍କୁ ଜାମିଆ ଅହେମଦିୟାକୁ ପଠାଇବା ସମ୍ବନ୍ଧରେ ଚେଷ୍ଟା କରାଯାଉ । ହଜୁର ଅନଓ୍ୱର ଅ:ବ:ଅ ଅବୁବକର ସଇଦ୍ ସାହେବଙ୍କୁ କହିଲେ ଆପଣ ଆଫ୍ରେକୀୟ ଆମେରିକୀୟ ଓ୍ୱାକେଫିନ୍ ଙ୍କ ବ୍ୟତିତ ପଶ୍ଚିମ ଆଫ୍ରୀକା ସହିତ ସମ୍ବନ୍ଧ ରଖିଥିବା ୧୦ ଜଣ ପିଲା ମତେ ଜାମିଆ ପାଇଁ ଦେବାକୁ ହେବ । ଏହା ହେଉଛି ଆପଣମାନଙ୍କର ଟାର୍ଗେଟ ଏବଂ ଆପଣମାନେ ଏହାକୁ ନିଶ୍ଚିତରୂପେ ହାସଲ କରିବେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ତର୍‌ବିୟତଙ୍କୁ ସମ୍ବୋଧନ କରି କହିଲେ: ଯଦି ଆପଣ ନିଜ ଆମେଲାର ସଦସ୍ୟମାନଙ୍କ ପଛରେ ପଡ଼ିଯିବ ଏବଂ ସେମାନଙ୍କୁ ବା ଯମାତ୍ ନମାଜ୍‌ର ଗୁରୁତ୍ୱ ସମ୍ବନ୍ଧରେ ଅନୁଭବ କରାନ୍ତୁ ତେବେ ଏହିପରି ନମାଜିମାନଙ୍କ ସଂଖ୍ୟାରେ ଅଭିବୃଦ୍ଧି ଘଟିବ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଜେନେରାଲ ସେକ୍ରେଟାରୀ ସାହେବ କହିଲେ ଯେ, ୬୦ପ୍ରତିଶତ ଯମାତ୍ ନିଜ ନିଜର ରିପୋର୍ଟକୁ ପଠାଉଛନ୍ତି । ଯେଉଁମାନେ ପଠାଉନାହାନ୍ତି ସେମାନଙ୍କୁ ବାରମ୍ବାର ମନେପକାଇ ଦିଆଯାଉଛି । ଏବଂ ଏବେ ଏଥିରେ ବୃଦ୍ଧି ହେଉଅଛି ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନ୍ୟାସନାଲ ସେକ୍ରେଟାରୀ ତବ୍‌ଲିଗ୍‌ଙ୍କୁ କହିଲେ: ଆପଣ ସ୍ୱେନିଷ୍ ଏରିଆରେ ଅଧିକା ଧ୍ୟାନ ଦେଉଛନ୍ତି ସମଗ୍ର ଆମେରିକାରେ ମଧ୍ୟ ତବ୍‌ଲିଗ୍ ସମ୍ବନ୍ଧରେ ଆପଣଙ୍କର କୌଣସି ଯୋଜନା ରହିଛି କି ? ଏଥିରେ ନ୍ୟାସନାଲ ସେକ୍ରେଟାରୀ ତବ୍‌ଲିଗ୍ କହିଲେ ଯେ, ଶୁରାରେ ମଧ୍ୟ ତବ୍‌ଲିଗ୍ ପ୍ରସଙ୍ଗରେ ଯୋଜନା ରଖାଯାଇଥିଲା ଯାହାର ମଞ୍ଜୁରି ହଜୁର ଅନଓ୍ୱର ଅ:ବ:ଅ ପ୍ରଦାନ କରିଥିଲେ । ଆମେ ତାହା ଉପରେ କାମ କରୁଅଛୁ । ଏହିପରି ମଝିରେ ମଝିରେ ହଜୁର ଅନଓ୍ୱର ଅ:ବ:ଅଙ୍କ ତରଫରୁ ଯାହା ନିର୍ଦ୍ଦେଶ ମିଳିଥାଏ ତାହା ଉପରେ ଅମଳ କରିବାପାଇଁ ଚେଷ୍ଟା ହୋଇଥାଏ । ହଜୁର ଅନଓ୍ୱର ଅ:ବ:ଅ ୟୁ.କେ ଠାରେ ମୁବଲିଗ୍‌ମାନଙ୍କ ମିଟିଙ୍ଗ ଅବସରରେ କହିଥିଲେ ଯେ, ''ଇସ୍‌ଲାମ୍, କଫି ଏବଂ କେକ୍''କୁ ହିଁ ଯଥେଷ୍ଟ ମଣନାହିଁ । ସେଥିପାଇଁ ଏବେ ଆମେ ଆହୁରି ଅନେକ କଥା ଉପରେ ମଧ୍ୟ ଚିନ୍ତା କରୁଅଛୁ । ସେହିପରି ରିଭ୍ୟୁ ଅଫ୍ ରିଲିଜିୟନ୍‌ସକୁ ତବ୍‌ଲିଗ୍ ନିମନ୍ତେ ବ୍ୟବହାର କରିବା ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଇଥିଲେ । ଆମେ ସେଥିପାଇଁ ଜଣେ ମେମ୍ବରଙ୍କୁ ନିୟୋଜିତ କରିଛୁ । ହଜୁର ଅନଓ୍ୱର ଅ:ବ:ଅ ପଡ଼ୋଶୀ ମାନଙ୍କୁ ତବଲିଗ୍ କରିବା ସମ୍ବନ୍ଧରେ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ବନ୍ଧରେ ମଧ୍ୟ ଚେଷ୍ଟା ଜାରି ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ''ଇସ୍‌ଲାମ୍, କେକ ଏବଂ କଫି'' ପ୍ରୋଗ୍ରାମ ମାଧ୍ୟମରେ ଆପଣଙ୍କର ମୋଟ କେତେ ଯୋଗାଯୋଗ ହୋଇଛି ? ଏଥିରେ ସେକ୍ରେଟରୀ ତବ୍‌ଲିଗ୍ କହିଲେ ଯେ ବିଗତ ଅଢ଼େଇ ବର୍ଷରେ, ଇସ୍‌ଲାମ୍, କେକ ଏବଂ କଫି ର ମୋଟ ୪୧୦୦ ବୈଠକ ଅନୁଷ୍ଠିତ ହୋଇଛି ଯାହା ଜରିଆରେ ୧୧୩୦୦ ଲୋକଙ୍କ ସହିତ ଯୋଗାଯୋଗ ହୋଇଛି କିନ୍ତୁ ଯେଉଁ ଲୋକଙ୍କୁ ଆମେ ନିଜର ଡ଼ାଟାବେସ୍‌ରେ ପୁରାଇଛୁ ସେମାନଙ୍କର ସଂଖ୍ୟା ୧୦୨୭ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁସଲିମ୍ କାଉନଂସିଲ୍ ଅଥବା ମୁସଲିମ୍ କମ୍ୟୁନିଟି ତରଫରୁ ବିରୋଧର ସମ୍ମୁଖୀନ ମଧ୍ୟ ହେଉଛି କି? ଏବେ ସେମାନେ ଗୋଟିଏ ଖୋଲା ଚିଠି ମଧ୍ୟ ଲେଖିଥିଲେ ଯେଉଁଥିରେ ହଜରତ ମସିହ ମଉଦ ଆ:ସଙ୍କ ଅସ୍ତିତ୍ୱ ଉପରେ ବହୁତ କିଛି ଅଭିଯୋଗ ଓ ଆପତି କରାଯାଇଥିଲା । କ'ଣ ଆପଣମାନେ ତାହାର ଉତର ଦେଇଛନ୍ତି କି? ନ୍ୟାସନାଲ ସେକ୍ରେଟରୀ ତବ୍‌ଲିଗ୍ କହିଲେ ଯେ, ଏ ପର୍ଯ୍ୟନ୍ତ ସେ ତାହାର ଉତର ଦେଇନାହାନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଉକ୍ତ ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ୍ ଉତର ପ୍ରଦାନ କରିବା ଉଚିତ ନଚେତ୍ ଯଦି କିଛି ମୁସଲମାନ ଯେଉଁମାନେ ଏହି ଅଭିଯୋଗକୁ ପଢ଼ିବେ ଓ ଚିନ୍ତା କରିବେ ଯେ ଏହି ଅଭିଯୋଗଗୁଡ଼ିକ ଠିକ୍ ଅଛି ତେଣୁ ଆପଣମାନଙ୍କୁ ଏହା ଉଚିତ ହେବ ଯେ, ଅତିକମ୍‌ରେ ୫୦୦ ଲୋକମାନଙ୍କର ଏକ ଟିମ୍ ବନାନ୍ତୁ ଯିଏ ସୋଶିଆଲ୍ ମିଡିଆରେ ତତ୍‌କ୍ଷଣାତ୍ ଉତର ଦେଉଥିବେ । ଏହାପରେ ଯଦି ଆପଣ ଏ ସମ୍ବନ୍ଧରେ ବ୍ୟାଖ୍ୟା ମୁଳକ ଉତର ଦେବାକୁ ଚାହୁଁଥାନ୍ତି ତେବେ ତାହାକୁ ଭାଇରାଲ କରିବା ପୂର୍ବରୁ ତାହାର ମଞ୍ଜୁରି ମୋ ଠାରୁ ନିଅନ୍ତୁ । ତେଣୁ ଗଏର୍ ଅହେମଦୀ ଯେଉଁ ଚିଠି ଲେଖୁଥିଲେ ତାହାର ଉତର କାଲି ଭିତରେ ଅତିକମ୍‌ରେ ୧୦୦ ଜଣେ ଅହେମଦୀଙ୍କୁ ଦେବା ଉଚିତ ଆଜି ରାତିରେ ଏହି କାର୍ଯ୍ୟରେ ଲାଗିଯାଆନ୍ତୁ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନ୍ୟାସନାଲ ସେକ୍ରେଟରୀ ତାଲିମ୍ ଆତିଫ୍ ମିଆଁଙ୍କୁ କହିଲେ ଯେ, ଆପଣ ସେକ୍ରେଟରୀ ତାଲିମ ଅଟନ୍ତି ମୁଁ ତ ଭାବୁଥିଲି

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମ୍ମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମ୍ମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଲ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ହଜୁର ଅନୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ସାଲାନା ଇଜିତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ଜନା ଇମାଇଲ୍ଲାଃ ଭାରତ- ୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ଜନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ଜନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ଯେ, ଆପଣ ଯମାତ୍‌ର ଇକୋନୋମିକ ଆଡ଼ଭାଇଜର୍ ହୋଇଥିବେ କାରଣ ଇମ୍ରାନ ଖାନ୍ ତ ଆପଣଙ୍କୁ ଆଡ଼ଭାଇଜରି କମିଟିର ମେମ୍ବର ବନେଇବାକୁ ଅସ୍ୱୀକାର କରିଦେଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ: ତାଙ୍କୁ ଫାଇନାନ୍ସ କମିଟିର ସଦସ୍ୟରୂପେ ମଧ୍ୟ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରେଟରୀ ତାଲିମ କହିଲେ ଯେ, ତାଙ୍କ ନିକଟରେ ବର୍ତମାନ ୟୁନର୍ଭରସିଟିଗୁଡ଼ିକରେ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କ ଡ଼ାଟା ମହଜୁଦ୍ ହୋଇ ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କ ନିକଟରେ ଏ ଡ଼ାଟା ତ ରହିବା ଉଚିତ । ମୁଁ ଖୁଦାମୁଲ୍ ଅହେମଦିୟା ଏବଂ ଲଜ୍‌ନା ଇମାଇଲ୍ଲାଃଙ୍କୁ କହିଛି ଯେ, ସେମାନେ ଉମୁରେ ତୋଲବା ବିଭାଗ ଏବଂ ମୁହତମିମ୍ ଉମୁରେ ତୋଲବା ନିୟୋଜିତ କରନ୍ତୁ ଯେଉଁମାନଙ୍କ କାର୍ଯ୍ୟ ହେଉଛି ଛାତ୍ରଛାତ୍ରୀଙ୍କୁ ନିରୀକ୍ଷଣ କରିବା । ଆପଣ ସେମାନଙ୍କଠାରୁ ଡ଼ାଟା ହାସଲ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରେଟରୀ ତାଲିମ୍ କହିଲେ ଯେ, ଆମେ ବିଭିନ୍ନ ବୟସର ଗ୍ରୁପମାନଙ୍କ ପାଇଁ ଭିନ୍ନଭିନ୍ନ ପ୍ରୋଗ୍ରାମ ରଖିଛୁ । ଉଦାହରଣ ସ୍ୱରୁପ ଆମେ ନର୍ସରିଠାରୁ ନେଇ ଆଠ କ୍ଲାସ୍‌ର ପିଲାମାନଙ୍କ ପାଇଁ ଗଣିତର ଗୋଟିଏ ପ୍ରୋଗ୍ରାମ ରଖିଛୁ ଯାହାକୁ ସେମାନେ ଗରମ ଋତୁରେ ସଂପୁର୍ଣ୍ଣ କରିବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିଲେ ଯେ, ୧୨ ଗ୍ରେଡ଼୍‌ର ପରୀକ୍ଷାରେ କିପରି ଫଳ ଆସିଛି ? ଏଥିରେ ସେକ୍ରେଟରୀ ତାଲିମ୍ କହିଲେ ଯେ, ଫଳାଫଳ ଏତେଟା ଭଲ ନାହିଁ । ଏ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ, ଏହାକୁ ଶୁରାରେ ରଖନ୍ତୁ । ଏଥିରେ ସେ କହିଲେ ଯେ, ଖୁଦାମୁଲ୍ ଅହେମଦୀୟା ସହିତ ମଧ୍ୟ ଏହାକୁ ଡ଼ିସ୍‌କସ୍ କରିଛନ୍ତି ? ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ନିର୍ଦ୍ଦେଶ ମୁତାବକ ଶୁରାରେ ମଧ୍ୟ ରଖିବେ ଯେ, କିପରି ଆମ ପିଲାମାନଙ୍କ ଶିକ୍ଷାର ସ୍ତରକୁ ଉନ୍ନତ କରିପାରିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସର୍ବେପ୍ରଥମେ ତ ଡ଼ାଟା ଏକାଠି କରନ୍ତୁ ଯେ, କେତେଜଣ ପୁଅ, ଝିଅ ଯେଉଁମାନେ ୟୁନିର୍ଭସିଟିରେ ଶିକ୍ଷା ଗ୍ରହଣ କରୁଛନ୍ତି ଓ କେତେଜଣ ସ୍କୁଲ୍‌ରେ ପାଠ ପଢୁଛନ୍ତି । ଆପଣଙ୍କ ନିକଟରେ ଏହି ସମସ୍ତ ଡ଼ାଟା ରହିବା ଉଚିତ ଯେ, ସେମାନଙ୍କର ନାମ, ବୟସ, ଶିକ୍ଷା, ସେମାନଙ୍କର ଭବିଷ୍ୟତର କ'ଣ ଯୋଜନା ରହିଛି । ପୁଣି ପ୍ରତ୍ୟେକ ଜମାତ୍‌ରେ ଗୋଟିଏ କାଉନସିଲିଙ୍ଗ ସିଷ୍ଟମ ମଧ୍ୟ ରହିବା ଉଚିତ । ଅତି କମ୍‌ରେ ବଡ଼ ସହରର ବଡ଼ବଡ଼ ଯମାତ୍‌ଗୁଡ଼ିକରେ ଏହି ସିଷ୍ଟମ ନିଶ୍ଚିତ ରୂପେ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସାଧାରଣତ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟାଳୟରୁ ଏବଂ ଅର୍ଗାନାଇଜେସନ୍ ଗୁଡ଼ିକରୁ ମାର୍ଗଦର୍ଶନ ନେଉଛନ୍ତି ତାଙ୍କୁ କଣ କରିବା ଉଚିତ ହେବ । ସେଥିମଧ୍ୟରୁ କିଛି ତ କର୍ମସିଆଲ୍ କାର୍ଯ୍ୟାଳୟ ଅଛନ୍ତି ଯେଉଁମାନେ ନିୟମିତ ଫିସ୍ ନେଇ ବତାଉଛନ୍ତି ଯେ ଆପଣଙ୍କୁ କଣ କରିବା ଉଚିତ ହେବ । ତେଣୁ ଯଦି ଆପଣମାନେ ହାଇସ୍କୁଲ୍‌ର ଛାତ୍ରମାନଙ୍କୁ ସେମାନଙ୍କର ଭବିଷ୍ୟ ସମ୍ବନ୍ଧରେ କାଉନଂସିଲ୍ ଯୋଗାଇଦେବେ ଯେ, ସେମାନେ କେଉଁ ବିଭାଗକୁ ଗ୍ରହଣ କରିବା ଉଚିତ ଏବଂ ସେମାନଙ୍କ ପାଇଁ କେଉଁ ଫିଲ୍ଡ ହେଉଛି ଗୁରୁତ୍ୱପୂର୍ଣ୍ଣ ତେବେ ଏହା ଦ୍ୱାରା ସେମାନଙ୍କୁ ବହୁତ ଲାଭ ହେବ । ଆମ ଛାତ୍ରମାନଙ୍କୁ ଏହା ଜଣା ଯିବା ଉଚିତ ଯେ, ସେମାନେ ଆଗକୁ ଯାଇ କଣ କରିବେ ଏଠାରେ ତ ବହୁତ ପାଠୁଆ ଲୋକେ ଉପସ୍ଥିତ ଅଛନ୍ତି ତେଣୁ ଆପଣମାନେ ଯଦି ପ୍ରତ୍ୟେକ ରିଜିୟନ୍‌ରେ ଏହିପରି ଲୋକମାନଙ୍କର ଗୋଟିଏ କମିଟି ବନାଇବେ ତେବେ ସେ ଛାତ୍ର ଛାତ୍ରୀମାନଙ୍କୁ କାଉନସିଲିଙ୍ଗ ଯୋଗାଇଦେବେ । ଯଦି ପ୍ରତ୍ୟେକ ଯମାତ୍ ଅଥବା ପ୍ରତ୍ୟେକ ରିଜିୟନ୍‌ରେ କମିଟି ବନାଇବା ସମ୍ଭବ ହେଉନାହିଁ ତେବେ ଅତିକମ୍‌ରେ ଗୋଟିଏ ସେଂଟ୍ରାଲ କମିଟି ହେବା ଉଚିତ ଯିଏ ଛାତ୍ରମାନଙ୍କୁ ମାର୍ଗଦର୍ଶନ କରାଇପାରିବ । ସେମାନେ ଆଉ କେଉଁଠାରେ ଟଙ୍କା ଖର୍ଚ୍ଚ କରବା ପରିବର୍ତେ ସେମାନେ କାଉନସିଲିଙ୍ଗ ପାଇଁ ଆପଣମାନଙ୍କ ନିକଟକୁ ଆସିବେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟରୀ ଇଶାଆତ୍‌ଙ୍କଠାରୁ ପଚାରି ବୁଝିଲେ ଯେ, ଆପଣମାନେ ଖବର କାଗଜରେ ଆର୍ଟିକିଲ୍ ଇତ୍ୟାଦି ଲେଖିବା ବ୍ୟତିତ ଆଉ କଣ ସବୁ କାମ କରୁଛନ୍ତି ? ଏଥିରେ ସେକ୍ରେଟରୀ ଇଶାଅତ୍ କହିଲେ: ଆମେ ବୁକ୍ ଷ୍ଟୋରକୁ ମ୍ୟାନେଜ କରୁଅଛୁ ଏବଂ ଏବେ ଆମାଜନ୍‌ରେ ପୁସ୍ତକ ଗୁଡ଼ିକୁ ବିକ୍ରୀ କରିବା ଆରମ୍ଭ କରିଛୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏବେ ଆଡ଼ିସ୍‌ନାଲ୍ ଓ୍ୱକିଲୁଲ୍ ଇଶାଅତ୍ ବରାଏ ତର୍‌ସିଲ୍‌ଙ୍କ ମୁତୟନ ହୋଇସାରିଛି ତେଣୁ ତାଙ୍କ ସହିତ ଆପଣଙ୍କର ଯୋଗାଯୋଗ ରହିବା ଉଚିତ । ଯେତେବେଳେ କୌଣସି ନୁତନ ପୁସ୍ତକ ଛପା ଯିବ ଏହାର ଜ୍ଞାନ ଆପଣମାନଙ୍କୁ ମିଳିବା ଉଚିତ ଓ ଆପଣମାନେ ପୁଣି ସେମାନଙ୍କୁ ବତାଇବେ ଯେ ଆପଣମାନଙ୍କୁ କେତେଗୋଟି ପୁସ୍ତକର ଆବଶ୍ୟକତା ରହିଛି ?

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟରୀ ଇଶାଅତ୍ କହିଲେ ଯେ, ଯେଉଁଠାରେ ମୁବଲିଗ୍‌ମାନେ ନିୟୋଜିତ ଅଛନ୍ତି ସେଠାରେ ଲାଇବ୍ରେରୀ ମହଯୁଦ୍ ଅଛି କିନ୍ତୁ ପବ୍ଲିକ୍‌ଙ୍କ ପାଇଁ କେତେକ ସ୍ଥାନରେ ଲାଇବ୍ରେରୀ ନାହିଁ କାରଣ ସେଠାରେ ଜାଗା ଉପଲବ୍ଧ ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ, ଆସନ୍ତାକୁ ଯେବେ ମଧ୍ୟ ଆପଣ ମସ୍‌ଜିଦ୍ ଇତ୍ୟାଦିର ନକ୍ସା ଡ଼ିଜାଇନ୍‌ଙ୍ଗି କରିବେ ସେତେବେଳେ ସେଠାରେ ଲାଇବ୍ରେରୀ ନିମନ୍ତେ ସ୍ଥାନ ନିରୂପଣ କରିବେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରେଟାରୀ ରିସ୍ତାନାତା କହିଲେ ଯେ, ଆମଡ଼ାଟା ବେସରେ ଊଣାଅଧିକେ ୪୫୦ ଜଣଙ୍କ ଡ଼ାଟା ରହିଛି ଏବଂ ପଛ ବର୍ଷ ୧୨ ଟି ରିସ୍ତା ନିର୍ଦ୍ଧାରିତ କରାଯାଇଛି । ୮୦ ଜଣ ପୁଅପିଲା ଯେବେ କି ୨୩୦ ଅଧିକା ଝିଅପିଲା ଅଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନ୍ୟାସନାଲ ସେକ୍ରେଟରୀ ରିସ୍ତାନାତା କହିଲେ ଯେ, ପୁଅପିଲାମାନଙ୍କର ବୟସ ଅଧିକରୁ ଅଧିକ ୨୫ ରୁ ୩୫ ବର୍ଷ ରିହଛି ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଭିନ୍ନ ଭିନ୍ନ । ଅନ୍ୟପଟେ ଝିଅମାନେ ବହୁତ ଶିକ୍ଷିତା ଅଛନ୍ତି । ସେଥିଯୋଗୁଁ ମଧ୍ୟ ସମସ୍ୟା ସମ୍ମୁଖୀନ ହେବାକୁ ପଡୁଛି ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

---

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

---

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

---

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

---

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 24 Oct 2019 Issue No. 43

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୪ ନଭେମ୍ବର ୨୦୧୮ (ରବିବାର) ନ୍ୟାସନାଲ ମଜ୍‌ଲିସ୍ ଆମେଲା ୟୁ.ଏସ୍.ଏ ର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ବୈଠକର ବଳକାଅଂଶ ।**

ତା'ପରେ ନାଏବ ଅମୀର ମୁକରମ୍ ଓ୍ୱସିମ୍ ମଲକ ସାହେବ ବତାଇଲେ ଯେ, ତାଙ୍କୁ ସାରା ଦେଶରେ ଗସ୍ତକରି ଦେଶରେ ଥିବା ଯମାତ୍‌ଗୁଡ଼ିକ ମଧ୍ୟରୁ ମସ୍‌ଜିଦ୍ ଫଣ୍ଡ ଏକାଠି କରିବାର ଦାୟିତ୍ୱ ଦିଆଯାଇଛି । ସେହିପରି ୟୁ.ଏସ.ଏ ଯମାତ୍‌ର ଆଇଟି ଡ଼ିପାର୍ଟମେଂଟର ଦାୟିତ୍ୱ ମଧ୍ୟ ସେ ତୁଲାଉଛନ୍ତି । ହଜୁର ଅନଓ୍ୱର ଅ:ବ:ଅ ପଚାରି ବୁଝିଲେ କି, ମସ୍‌ଜିଦ୍ ଫଣ୍ଡ ନିମନ୍ତେ କେତେ ଅର୍ଥ ଏକାଠି କରୁଅଛ ? ଓ ଚଳିତ ବର୍ଷ କେତେ ଅର୍ଥ ଜମା ହେଲାଣି ?

ଏଥିରେ ସେ ମହାଶୟ କହିଲେ ଯେ, ୨୦୧୮-୧୯ର ପ୍ରଥମ ତ୍ରୟମାସିକରେ ଆମେ ୨ ଲକ୍ଷ ୧୮ ହଜାର ଡ଼ଲାର ଜମା କରିସାରିଛୁ । ଯେବେ କି ବିଗତ ଆର୍ଥିକ ବର୍ଷରେ ୩.୯ ମିଲିୟନ ଡ଼ଲାର ଜମା କରାଯାଇଥିଲା । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ସେଥି ମଧ୍ୟରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି ଅମୀର୍ ସାହେବ କହିଲେ ଯେ, ସବୁତକ ଅର୍ଥ ଖର୍ଚ୍ଚ ହୋଇସାରିଛି ବରଂ ମସଜିଦ୍ ଫଣ୍ଡ ବର୍ତମାନ ଘାଟାରେ ଚାଲିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାର ଅର୍ଥ ହେଉଛି ଏହା କି, ବର୍ତମାନ ମସଜିଦ୍ ଫଣ୍ଡରେ ଆପଣଙ୍କ ନିକଟରେ କୌଣସି ଅର୍ଥ ନାହିଁ । ଆସନ୍ତାକୁ ମସ୍‌ଜିଦ୍ ନିର୍ମାଣ କରିବାର କୌଣସି ଯୋଜନା ନାହିଁ କି ? କ'ଣ ଆସନ୍ତା ଦୁଇ ତିନି ବର୍ଷ ମଧ୍ୟରେ କୌଣସି ମସ୍‌ଜିଦ୍‌ର ମଧ୍ୟ ପ୍ରୋଜେକ୍ଟ ନାହିଁ ? ଏଥିରେ ନାଏବ୍ ଅମୀର ଫଲାହୁଦ୍ଦିନ୍ ଶମ୍‌ସ ସାହେବ୍ ଯିଏ ଯାଏଦାଦ୍ ବିଭାଗର ନିରୀକ୍ଷଣ କରୁଛନ୍ତି ସେ କହିଲେ ଯେ, Zion-llinois ଠାରେ ଆମେ ନୂଆ ଅଟ୍ଟାଳିକା କିଣୁଅଛୁ ସେଠାରେ ନୂଆ ମସ୍‌ଜିଦ୍ ନିର୍ମାଣ ହେବ । ଇନ୍‌ଶାଅଲ୍ଲାଃ । ତାହାର ସୁଭାରମ୍ଭ ହୋଇସାରିଛି । ଆମେ ୧୦ଏକର ଜାଗା ଖରିଦ କରିଛୁ ଓ ସେହି ଜାଗାର ସଫାସଫି କାର୍ଯ୍ୟ ଆରମ୍ଭ ହୋଇସାରିଛି । ଆସନ୍ତା ବର୍ଷ ପର୍ଯ୍ୟନ୍ତ ଆମେ ମସଜିଦ୍ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ରଖିଛୁ । ଜିଅନ୍ ପାଇଁ ସ୍ୱେଶିଆଲ୍ ଫଣ୍ଡ ରହିଛି । ସେଠାରେ ବର୍ତମାନ ଆମ ଅଧିନରେ ତିନିଗୋଟି ଅଟ୍ଟାଳିକା ରହିଛି ସେଥି ମଧ୍ୟରୁ ଦୁଇଟି ପ୍ରଥମେ ହିଁ ବିକ୍ରି ସରିଛି ଓ ଗୋଟିଏ ମସ୍‌ଜିଦ୍ ମୁରବୀ ହାଉସ ରହିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ କହିଲେ ଯେ, ବର୍ତମାନ ଯେଉଁ ନୂଆ ସ୍ଥାନଟି କିଣା ଯାଇଛି ତାହା ଅଧିକ ଦୂରରେ ନାହିଁ ୩ ରୁ ୪ ମାଇଲ ବାଟ ହେବ । ଅହେମଦୀମାନଙ୍କର ଅଧିକାଂଶ ଲୋକେ ମଧ୍ୟ ସେହି ଇଲାକାରେ ବସବାସ କରୁଛନ୍ତି । ସେଠାରେ ଛୋଟିଆ ଯମାତ୍ ତେଣୁ ୫୫୦୦ ବର୍ଗଫୁଟର ମସ୍‌ଜିଦ୍ ନିର୍ମାଣ କରୁଅଛୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ପୁଣି କହିଲେ ଯେ, ଯମାତର ତଜ୍‌ନିଦ (ଲୋକସଂଖ୍ୟା) ହେଉଛି ୧୮୯ ସେଠାରେ ଏବେ ଯୁମା ଦିନ ୧୨ ରୁ ୧୫ ଜଣ ପୁରୁଷ ଏବଂ ଏତିକି ସଂଖ୍ୟକ ମହିଳାମାନେ ମଧ୍ୟ ସାମିଲ ହେଉଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ୧୮୯ ଲୋକଙ୍କ ମଧ୍ୟରୁ କେବଳ ୨୫ରୁ୩୦ ଜଣ ଲୋକ ଯୁମା ନମାଜ୍‌ରେ ଉପସ୍ଥିତ ରହୁଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ସେଠାରେ ତରବିୟତ୍‌ର ଆବଶ୍ୟକତା ରହିଛି ।

ଅମୀର ସାହେବ୍ କହିଲେ ଯେ, ଅବୁବକର୍ ସଇଦ୍ ସାହେବ୍ ଇଂଟରନାଲ ଅଡ଼ିଟର୍ ଏହି ଯମାତ୍‌ରେ ଅଛନ୍ତି ଏଥିରେ ଅବୁବକର ସଇଦ ସାହେବ କହିଲେ ଯେ, ଏହି ସଂଖ୍ୟା ଠିକ୍ ନୁହେଁ ଯୁମାରେ ୪୫ ସଂଖ୍ୟକ ଲୋକେ ହାଜିର ହେଉଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହି ସଂଖ୍ୟା ମଧ୍ୟ କୌଣସି ସାନ୍ତ୍ୱନା ମୁଳକ ନୁହେଁ । ତୃତୀୟ ଭାଗଟି ମଧ୍ୟ ନାହିଁ । ଅବୁବକର ସଇଦ୍ ସାହେବ କହିଲେ ଯେ, ମୁଁ ସେଠାରୁ ୪୫ ମିନିଟ୍ ଡ୍ରାଇଭ୍‌ରେ ରହୁଅଛି ସେଥିପାଇଁ ମୁଁ ଯୁମା ନମାଜ୍ ମଲଓ୍ୱାକି ଯମାତ୍‌ରେ ପଢୁଅଛି । ଏବଂ ଜାଏନ୍ ଯମାତ୍‌ର ଜଣେ ମୁବଲିଗ୍ ଅଛନ୍ତି ସେ ମାସକରେ ଗୋଟିଏ ଯୁମା ଜାଏନ୍‌ରେ ପଢୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ ଯେ, କ'ଣ ଆପଣମାନଙ୍କୁ ସେଠାରେ ସ୍ଥାୟି ମୁବଲିଗର ଆବଶ୍ୟକତା ନାହିଁ । ଏଥିରେ ଅମୀର ସାହେବ କହିଲେ ଯେ, ଯଦି ଅଧିକା ମୁବଲିଗ୍ ମିଳିବେ ତେବେ ସେଠାରେ ମଧ୍ୟ ମୁବଲିଗ୍ ନିୟୋଜିତ କରିବାର ଯୋଜନା ରହିଛି । ଜିଅନ୍ ହେଉଛି ମଲଓ୍ୱାକି ଏବଂ ଚିକାଗୋ ମଧ୍ୟରେ ଥିବା ଏକ ସ୍ଥାନ । ମଲଓ୍ୱାକିରେ ମଧ୍ୟ ମୁବଲିଗ ଅଛନ୍ତି ସେହିପରି ଚିକାଗୋରେ ମଧ୍ୟ ମୁବଲିଗ ଅଛନ୍ତି । ଆମେ ଏହା ମନସ୍ତ କରିଛୁ ଯେ, ଜିଅନ୍‌ରେ ମଧ୍ୟ ମୁରବୀ ହାଉସ୍ ନିର୍ମାଣ କରିବୁ ଓ ତା ପରେ ସେଠାରେ ମୁବଲିଗ୍ ନିୟୋଜିତ ହେବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଅମୀର ସାହେବ କହିଲେ ଯେ, ଆମର ମୋଟ ୭୪ଟି ଯମାତ୍ ମଧ୍ୟରୁ ୫୬ଟି ଯମାତ୍‌ରେ ମସ୍‌ଜିଦ୍ ରହିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରି ଯାଏଦାଦ୍ କହିଲେ ଯେ, ସେହି ୫୬ଟି ମସଜିଦ ମଧ୍ୟରୁ ୧୯ଟି ହେଉଛି Puropose-built ମସଜିଦ୍ ଯେବେ କି ବାକି ୩୭ଟି ଚର୍ଚ୍ଚ ଏବଂ ଅନ୍ୟାନ୍ୟ ଅଟ୍ଟାଳିକା ଥିଲା, ଯେଉଁଗୁଡ଼ିକୁ ମସ୍‌ଜିଦ୍‌ରେ ରୂପାନ୍ତରିତ କରାଯାଇଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଯାଏଦାଦ କହିଲେ ଯେ, ଆମେରିକାରେ ମୋଟ ଯମାତି ପ୍ରର୍ପଟି ହେଉଛି ଏକହଜାର ଏକରରୁ ଅଧିକ ସେଥିରେ କିଛି ଖାଲି ଜମି ମଧ୍ୟ ସାମିଲ ଅଛି । ସେ ସବୁର ମୂଲ୍ୟ ୧୨୦ ରୁ ୧୨୨ ମିଲିୟନ୍ ଡ଼ଲାର ପାଖାପାଖି ହେବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏ ଅନୁସାରେ ଆପଣଙ୍କର ଇନ୍‌ସ୍ୟୁରାନ୍ସ ତ ବହୁତ କମ୍ ଅଛି । ଏଥିରେ ସେକ୍ରଟାରୀ ଯାଏଦାଦ୍ କହିଲେ ଯେ, ଯେଉଁଠି ଖାଲି ଜମି ପଡ଼ିଛି ଓ ତା ଉପରେ କୌଣସି ଘର ନିର୍ମାଣ ହୋଇନାହିଁ, ସେଗୁଡ଼ିକର ଇନସ୍ୟୁରାନ୍ସ କରାଯାଇନାହିଁ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଇଶାଅତ୍ କହିଲେ ଯେ, ବିଗତ ଦୁଇ ବର୍ଷରେ ଆମେ ଚାରିଟି ପୁସ୍ତକ ସମ୍ପୂର୍ଣ୍ଣ କରିଛୁ ତାହା ଭିତରେ ସିରତ୍ ଖାତ୍‌ମୁନ୍ ନବିଇନ୍ (ଚିଫ୍ ଅଫ୍ ଦ ପ୍ରଫେଟ୍‌ସ ଏବଂ ''କର୍ ନା କର୍'' ସାମିଲ ଅଛି । ମରକଜ୍‌ରୁ ମଞ୍ଜୁରି ଆସିସାରିଛି । ସିରତ୍ ଖାତ୍‌ମୁନ୍ ନବିଇନ୍ ତ ମରକଜ୍‌ରୁ ପ୍ରକାଶ ହେବ କିନ୍ତୁ କର୍ ନା କର୍ ପୁସ୍ତକଟି ଏଠି ଆମେରିକାରେ ଛପା ହେବ । ବୋଧ ହୁଏ ଅନ୍‌ସାରୁଲ୍ଲାଃ ଏହାକୁ ଛପାଇବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ଇଶାଅତ୍ କହିଲେ ଯେ, ଦଶ ହଜାର ସଂଖ୍ୟାରେ ତ ଆମେ ପ୍ରକାଶ କରିପାରିବୁ ନାହିଁ କାରଣ ଏଠାରେ ଏତେ ବଡ଼ ମାର୍କେଟ ନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାର ଇଂରାଜୀ ଅନୁବାଦ ହେଉଅଛି ତେଣୁ ଇଂରାଜୀ ପୁସ୍ତକର ଡ଼ିମାଣ୍ଡ ତ ସାରା ପୃଥିବୀରେ ରହିଛି ଯଦି ଆପଣମାନେ ପ୍ରକାଶ କରିବେ ତେବେ ୟୁ.କେ ର ଯମାତ୍ ହିଁ ଆପଣଙ୍କଠାରୁ ଦଶହଜାର କପି କିଣିନେବ କିନ୍ତୁ ଆମେରିକୀୟ ଇଂରାଜୀରେ ସ୍ୱେଲିଙ୍ଗ ଇତ୍ୟାଦିରେ ଫରକ୍ ରହିଥାଏ । ସେଥିଯୋଗୁଁ ଆପଣ ଓ୍ୱକିଲୁଲ୍ ତସ୍‌ନିଫ୍ ସାହେବ ଲଣ୍ଡନକୁ ପଠାଇ ଦିଅନ୍ତୁ । ମରକଜ୍ ଏହାକୁ ଛପାଇ ପାରେ । ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ (ଏହାକୁ ନୋଟ୍ କରନ୍ତୁ- ଯଦି ଏହାର ଅନୁବାଦ ହୋଇସାରିଥିବ ତେବେ ଏହାକୁ ଲଣ୍ଡନରୁ ଏହାକୁ ଛପାଇ ଦିଅନ୍ତୁ) ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନ୍ୟାସନାଲ ସେକ୍ରେଟାରୀ ତରବିୟତଙ୍କଠାରୁ ଯମାତ୍ ଗୁଡ଼ିକର ସଂଖ୍ୟା ଏବଂ ତଜ୍‌ନିଦ୍ ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ସେକ୍ରେଟାରୀ ତରବିୟତ କହିଲେ ଯେ, ଆମେରିକାରେ ୭୪ଟି ଯମାତ୍ ଅଛି, ଯେବେ କି ମୋଟ ତଜ୍‌ନିଦ୍ ହେଉଛି ୨୦୩୯୪ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଏବେଏବେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କ ଏବଂ ନେପାଳ ଇତ୍ୟାଦି ଦେଶରୁ ବହୁ ମାତ୍ରାରେ ଅହେମଦୀ ରିଫ୍ୟୁଜି ଆମେରିକା ଚାଲିଆସିଛନ୍ତି । ଏମାନଙ୍କୁ ମଧ୍ୟ ତଜ୍‌ନିଦ୍‌ରେ ସାମିଲ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତରବିୟତ କହିଲେ ଯେ, ଯମାତ୍‌ରେ ନମାଜ୍ ସେଂଟରର ସଂଖ୍ୟା ହେଉଛି । ୨୦୦ରୁ ୨୭୫ ପର୍ଯ୍ୟନ୍ତ ଏହି ସଂଖ୍ୟାରେ ପରିବର୍ତନ ହୋଇଥାଏ କାରଣ ବହୁତ ଗୁଡ଼ିଏ ନମାଜ୍ ସେଂଟର ଲୋକମାନଙ୍କ ଘରେ ତିଆରି ହୋଇଛି । ଯେଉଁ ଲୋକମାନଙ୍କ ଘର ମସ୍‌ଜିଦ୍‌ରୁ ୧୦ ରୁ ୧୫ ମିନିଟ ଡ୍ରାଇଭରେ ଅବସ୍ଥିତ, ସେଠାରେ ନମାଜ୍ ସେଂଟର ତିଆରି କରାଯାଇନାହିଁ । କିନ୍ତୁ ଯେଉଁ ଲୋକମାନଙ୍କ ଘର ମସ୍‌ଜିଦ୍‌ରୁ ଅଧଘଂଟା ଡ୍ରାଇଭ ବା ତା'ଠାରୁ ଅଧିକା ଦୁରତାରେ ରହିଛି ସେଠାରେ ନମାଜ୍ ସେଂଟର ବନାଯାଇଛି । ବିଗତ କିଛି ବର୍ଷ ହେବ ନମାଜ ସେଂଟର ସଂଖ୍ୟା ୨୦୦ରୁ ଅଧିକା ରହିଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତରବିୟତ କହିଲେ ଯେ, ଖୁଦାମ୍, ଅତ୍‌ଫାଲ୍ ଏବଂ ଅନ୍‌ସାରଙ୍କୁ ମିଶାଇ ଏ ସଂଖ୍ୟା ୮୫୦୦ ପାଖାପାଖି ହେଉଅଛି । ଆମେ ସର୍ଭେ କରିଥିଲୁ ସେହି ସର୍ଭେ ମୁତାବକ ୩୫ପ୍ରତିଶତ ଲୋକ ନିୟମିତ ମସ୍‌ଜିଦ୍‌ରେ ଯାଇ ନମାଜ୍ ପାଠ କରୁଛନ୍ତି ବାକି ୨୨ ପ୍ରତିଶତଙ୍କର କହିବା ହେଉଛି ଯେ, ସେମାନେ ସପ୍ତାହକରେ ଦୁଇରୁ ତିନିଥର ମସ୍‌ଜିଦ୍ ଯାଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେକ୍ରେଟାରୀ ତରବିୟତ କହିଲେ ଯେ, ସ୍ପ୍ରିଙ୍ଗଭ୍ୟାଲି ଏବଂ ବଇତୁର ରହମାନ୍ ଯମାତ୍‌ରେ ନମାଜ ପଢୁଥିବା ଲୋକମାନଙ୍କ ସଂଖ୍ୟା କମ୍ ରହିଛି । ଏଠାରେ ଆମକୁ ଏ ବିଷୟରେ ଚ୍ୟାଲେଞ୍ଜସ୍‌ର ସମ୍ମୁଖୀନ ହେବାକୁ ପଡୁଛି । ହଜୁର ଅନଓ୍ୱର ଅ:ବ:ଅଙ୍କ

ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan